**ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର**

**ଝାରସୁଗୁଡ଼ା ଅଫିସ:** ଦେଶରେ ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଦମ୍ପତି ୨ସନ୍ତାନ ନୀତି ଆପଣେଇବା ଆବଶ୍ୟକ। ଏ ନେଇ ଆଇନ ପ୍ରଣୟନ ସହ ୫ଦଫା ଦାବି ନେଇ ଝାରସୁଗୁଡା ଜିଲା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ତରଫରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଫାଉଣ୍ଡେଶନର ସଦସ୍ୟାସଦସ୍ୟ ଏକ ଶୋଭାଯାତ୍ରା ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ଦ୍ୱିତୀୟ ଭୋଇ, ଆଇନଜୀବୀ ନରେଶ ନାୟକ, ଅରୁଣ କୁମାର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଜୁଆଖେଳ ଉପରେ ଚଢ଼ାଉ: ୩ ଗିରଫ

**କୁଚିଣ୍ଡା,୨୫।୧୨(ଡି.ଏନ.ଏ.):** ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡିର ସାନଡୁମ୍ବେରମୁଣ୍ଡା ଗ୍ରାମରେ ଚାଲିଥିବା ବେଆଇନ ଘୁଡୁଘୁଡି ପଛି ଜୁଆ ଖେଳ ଉପରେ ପୋଲିସ ଶୁକ୍ରବାର ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାନଡୁମ୍ବେରମୁଣ୍ଡା ଗ୍ରାମର ନିରଞ୍ଜନ ଟପୋ(୪୨), ଭଦ୍ର ବାଗ(୩୬) ଓ ହେମନ୍ତ ଟପୋ(୩୦)। ଏମାନଙ୍କଠାରୁ ନଗଦ ୩୬୫୦ଟଙ୍କା, ଘୁଡୁଘୁଡି ପଛି, ଡବା ଓ ୬ଟି ଗୋଟି ଜବତ ହୋଇଛି। ଏ ନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା (ନଂ୧୯୬/୨୧) ରୁଜୁ ହୋଇଛି। ଗୋବିନ୍ଦପୁର ଥାନା ଆଇଆଇସିଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା।

### ଆକ୍ରମଣ ଅଭିଯୋଗରେ ୨ ଗିରଫ

**କୁଚିଣ୍ଡା, ୨୫।୧୨(ଡି.ଏନ.ଏ.):** ମହୁଲପାଲି ଥାନା ଅର୍ଡାବାହାଲ ଗ୍ରାମର ବେଣୁଧର କଣ୍ଟା ନାମକ ବ୍ୟକ୍ତିଙ୍କୁ ସାନଭାଇ ଓ ପୁତୁରା ଇଟାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ୧୬୭/୨୧) ରୁଜୁ କରି ଅଭିଯୁକ୍ତ ହରେଶ କଣ୍ଟା (୫୮) ଓ ପୁଅ ଓମ୍‌ପ୍ରକାଶ କଣ୍ଟା(୨୩)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଦୀର୍ଘଦିନ ଧରି ଦୁଇଭାଇଙ୍କ ମଧ୍ୟରେ ଜମିଜମା ବିବାଦ ଲାଗିରହିଥିଲା। ପୈତୃକ ଜମିକୁ ହରେଶ ଏକା ଦଖଲ କରୁଥିବା ନେଇ ବଡଭାଇ ବେଣୁଧର ଶୁକ୍ରବାର ଆପତ୍ତି କରିଥିଲେ। ଏହାକୁ ନେଇ ଘଟଣା ଜଟିଳ ରୂପ ନେଇଥିଲା। ପରେ ବାପପୁଅ ମିଶି ବେଣୁଧରଙ୍କୁ ଆକ୍ରମଣ କରିଥିବା ଦର୍ଶାଯାଇଛି।

### ସେଣ୍ଟ ପିଟର ଚର୍ଚ୍ଚରେ ବଡ଼ଦିନ ପର୍ବ

**ବ୍ରଜରାଜନଗର,୨୫।୧୨(ଡି.ଏନ.ଏ.):** ବ୍ରଜରାଜନଗର ସହରାଞ୍ଚଳର ସେଣ୍ଟ ପିଟର ଚର୍ଚ୍ଚରେ ବଡଦିନ ପର୍ବ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ପାଇକ ବାର୍ତ୍ତା ପ୍ରଦାନ କରିବା ପରେ ଅଞ୍ଚଳବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। ନୂଆପଡା ସିଏନ୍‌ଆଇ ଚର୍ଚ୍ଚରେ ସମୂହ ପ୍ରାର୍ଥନା ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଜସିୟ୍ ଦୀପ, ଡ଼ିସିସି ସମ୍ପାଦକ ମାନସ କୁମାର ସ୍ୱାଇଁ, ସେତ ସିଂ ମଣ୍ଡଳ, ଉପନ ସାହୁ, ପାଷ୍ଟେଡ଼ ସମ୍ପାଦକ ରଞ୍ଜନ କୁମାର ଦାସ, ପ୍ରଚାରକ ହେମନ୍ତ ନାଗ ପ୍ରଭୁ ଯୀଶୁଙ୍କ ଜନ୍ମଦିନ ଉପଲକ୍ଷେ ବାର୍ତ୍ତା ଦେଇଥିଲେ। ବ୍ରଜରାଜନଗର ଏଜି ଚର୍ଚ୍ଚରେ ଆୟୋଜିତ ଉତ୍ସବରେ ଫାଦର ଡ. ବିଜୟ୍ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ କୋଭିଡ୍ ଭଳି ମହାମାରୀ ସମୟରେ ଭୟ ନ କରି ସମସ୍ୟାକୁ ସମ୍ମୁଖୀନ ହେବାକୁ କହିଥିଲେ। ଚର୍ଚ୍ଚର ପାଳକ ପ୍ରବୀର ବାଗ ଓ ସମ୍ପାଦକ ରୁଧିର ସାଗର ସହଯୋଗ କରିଥିଲେ।

### କଂଗ୍ରେସ ପକ୍ଷରୁ ଝୁଲେନପୋଲ ମରାମତି ଦାବି

**କୁଚିଣ୍ଡା,୨୫।୧୨(ଡି.ଏନ.ଏ.):** କୁଚିଣ୍ଡାକୁ ସଂଯୋଗ କରୁଥିବା ବ୍ରିଟିଶ ଅମଳର ଝୁଲେନପୋଲ ଗତ ସେପ୍ଟେମ୍ବର ୮ତାରିଖରେ ଭାଙ୍ଗିଯାଇଥିଲା। ବାରମ୍ବାର ଦାବି ପରେ ମଧ ଏହାର ମରାମତି ହୋଇପାରି ନାହିଁ। ଶୁକ୍ରବାର ଏହି ପୋଲ ମରାମତି ପାଇଁ କୁଚିଣ୍ଡା ନଗର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ହେମେନ୍ଦ୍ର ଭୋଇଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ କଂଗ୍ରେସ ଯୁବମୋର୍ଚ୍ଚା ସଭାପତି ଜୟନ୍ତ ବାଘ, ବିରଞ୍ଚି ସାହୁ, ମହମ୍ମଦ ସଠିକ ଖାନ, ଦିବ୍ୟରାଜ ବାରିକ, ଆଶିଷ ପ୍ରତାପ ସିଂ, ନରେଶ ସାହୁ, ରମେଶ ଚନ୍ଦ୍ର ବାଘ, ଲମ୍ବୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କୋଭିଡ୍ କଟକଣା ଭିତରେ ବଡ଼ଦିନ ପାଳିତ

**ରାଉରକେଲା ଅଫିସ,୨୫।୧୨:** ରାଉରକେଲାର ବିଭିନ୍ନ ଚର୍ଚ୍ଚରେ କୋଭିଡ କଟକଣା ଭିତରେ ବଡଦିନ ପାଳନ କରାଯାଇଛି। ସହରର ବିଭିନ୍ନ ଚର୍ଚ୍ଚରେ ଆଲୋକ ସାଜସଜ୍ଜା ସାଙ୍ଗକୁ ସାମୂହିକ ପ୍ରାର୍ଥନା କରାଯାଇଛି। ଆଇନଶୃଙ୍ଖଳା ଲାଗି ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଚର୍ଚ୍ଚଗୁଡିକରେ ଜନଗହଳି ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଥିଲା। ଝିରପାଣି, ହାମିରପୁର, ସେକ୍ଟର-୯, ସେକ୍ଟର-୬ ଓ ସେକ୍ଟର-୧୮ ଆଦି ସ୍ଥାନରେ ବହୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।


ସମ୍ବଲପୁର ଓଡିଆ ବାପଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।


ଝାରସୁଗୁଡା କକ୍ସ କଲୋନୀର ସେଣ୍ଟ ଡେଭିଡ୍ ଚର୍ଚ୍ଚରେ ଲୋକଙ୍କ ଭିଡ଼।

# ବଡ଼ଦିନରେ ଚମକିଲା ଚର୍ଚ୍ଚ

### ଏକାଠି ହେଲେ ସବୁ ଧର୍ମର ବ୍ୟକ୍ତି

ସମ୍ବଲପୁର,୨୫।୧୧(ବ୍ୟୁରୋ)– ସମ୍ବଲପୁର ସହର ତଥା ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ବଡଦିନ ପାଳିତ ହୋଇଯାଇଛି। ଚର୍ଚ୍ଚ ଓ ଘରମାନଙ୍କରେ ଲୋକେ କୋଭିଡ୍ କଟକଣା ସହ ପାଳନ କରିଛନ୍ତି। ହେଲେ ସାକ୍ଷିପଡାରେ ନିଆରା ଢଙ୍ଗରେ ଏହି ପର୍ବ ପାଳନ କରାଯାଇଛି। ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ ଧର୍ମର ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଉତ୍ସାହର ସହ କେକ୍ କାଟି ସମସ୍ତେ ପରସ୍ପରକୁ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ, କମଳ ଷଡଙ୍ଗୀ, ସବୀର ଅହମ୍ମଦ, ମୁନ୍ନା ଖାନ, ଗୋକୁଲ ମେହେର, ଭବାନୀ ଶଙ୍କର ଭୋଇ, ସୁବୋଧ ଦୋରା, ବାଦସାହ ଦୁସମନ ରାନା, କିଶୋର ମହାନ୍ତି ପ୍ରମୁଖ ୫୦ରୁ ଅଧିକ ବ୍ୟକ୍ତି ଉପସ୍ଥିତ ରହିଥିଲେ।

ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରେ ଶନିବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନିରାଡମ୍ବର ଭାବେ ବଡଦିନ ପର୍ବ ପାଳନ କରିଛନ୍ତି। କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇନାହିଁ। କେବଳ ଚର୍ଚ୍ଚଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବିନାଖଣ୍ଡି ସେଣ୍ଟ ଜେମ୍ସ ଚର୍ଚ୍ଚ, କୁଲୁଥକାନୀ ଗୋସନର ଇ.ଏଲ. ଚର୍ଚ୍ଚ, ଅଇଁଠାପାଲି ଦୟାସାଗର ପ୍ରାର୍ଥନା ଭବନ, ଗଙ୍ଗାଧର ମେହେର କଲେଜ ଛକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ସାକ୍ଷୀପଡା କ୍ୟାଥ୍ଲିକ୍ ଚର୍ଚ୍ଚ, ଲକ୍ଷ୍ମୀଟକିଜ ମୁଣ୍ଡା ବାପଟିଷ୍ଟ ଚର୍ଚ୍ଚ, ପାଞ୍ଚଗଛିଆ ଆଦି ଚର୍ଚ୍ଚଗୁଡିକ ଆଲୋକରେ ଝଲସୁଥିଲା। ସରକାରଙ୍କ ଗାଇଡ୍‌ଲାଇନକୁ ଦୃଷ୍ଟିରେ ରଖି ଭକ୍ତମାନେ ଚର୍ଚ୍ଚ ବାହାରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ସ୍ୱତନ୍ତ୍ର ଉପାସନା କରିଛନ୍ତି। ବୁର୍ଲା ଓ ହୀରାକୁଦର ୮ ଚର୍ଚ୍ଚରେ ଏହି ପର୍ବ ପାଳନ କରାଯାଇଛି।

### ଜଗତର ମଙ୍ଗଳ କାମନା କଲେ ଖ୍ରୀଷ୍ଟଧର୍ମାବଲମ୍ବୀ

ଝାରସୁଗୁଡ଼ା ଅଫିସ,୨୫।୧୨: କରୋନା କଟକଣା ମାନି ଝାରସୁଗୁଡା ଜିଲାର ସମସ୍ତ ଚର୍ଚ୍ଚରେ ବଡଦିନ ପାଳନ କରାଯାଇଛି। ଖ୍ରୀଷ୍ଟ ଧର୍ମାବଲମ୍ବୀ ଚର୍ଚ୍ଚରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ବନ୍ଦନାକରି ଜଗତର ମଙ୍ଗଳ କାମନା କରିଥିଲେ। ଝାରସୁଗୁଡା କକ୍ସ କଲୋନୀସ୍ଥିତ ସେଣ୍ଟ ଡେଭିଡ୍ ସିଏନ୍‌ଜେ ଚର୍ଚ୍ଚରେ ଏହି ପର୍ବ ପାଳିତ ହୋଇଯାଇଛି। ଚର୍ଚ୍ଚର ମୁଖ୍ୟ ଆଚାର୍ଯ୍ୟ ଅଭିନାଦବ ନାଗ୍‌ଙ୍କ ପୌରୋହିତ୍ୟରେ ସମସ୍ତ ଉପାସନା କାର୍ଯ୍ୟ ପରିଚାଳନ କରାଯାଇଥିଲା। ଅତିଥି ଭାବେ ଡାୟୋସିସ୍‌ର ସମ୍ପାଦକ ସନ୍ଦିପ ନାଗ୍, ଚର୍ଚ୍ଚ ସମ୍ପାଦକ ରୋମୀ ଆର୍‌ଲାଣ୍ଡ, କୋଷାଧ୍ୟକ୍ଷ ପ୍ରସିଦ୍ଧ ନାୟକ, ସାମୁଏଲ ସୁନା, ଅଜିତ ସେନାପତି, ମନୋଜ ନାଗ୍, ପ୍ରୀତେଶ ବାନାର୍ଜୀ, ଗୋବର୍ଦ୍ଧନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ଛୁରା ମାଡ଼ କରି ଲୁଟ୍

**ରାଉରକେଲା ଅଫିସ,୨୫।୧୨**

ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ଭିଆଇପି ରୋଡ୍ ଅଞ୍ଚଳରେ ଶନିବାର ଜଣେ ଯୁବତୀଙ୍କୁ ଛୁରାମାଡ କରି ତାଙ୍କ ମୋବାଇଲ ଓ ମନିପର୍ସ ଲୁଟ୍ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୫।୨୧) ରୁଜୁ କରି ତଦନ୍ତ ଚଳାଇଛି। ଶନିବାର ସକାଳ ସମୟରେ ସେକ୍ଟର-୧୭ ଅଞ୍ଚଳର ଉକ୍ତ ଯୁବତୀ ଭୁବନେଶ୍ୱରରୁ ବସ୍ ଯୋଗେ ଆସି ରାଉରକେଲାରେ ପହଞ୍ଚିଥିଲେ। ବସ୍‌ରେ ନିଦ ଲାଗିଯିବାରୁ ଯୁବତୀ ଜଣଙ୍କ ସାତ ସଡକ ଛକରେ ଓହ୍ଲାଇବା ପରିବର୍ତ୍ତେ ସେକ୍ଟର-୨୦ ସ୍ଥିତ ଭିଆଇପି ରୋଡ଼ରେ ଓହ୍ଲାଇଥିଲେ। ସେ ଚାଲି ଚାଲି ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଓ ପର୍ସ ଛଡାଇବାକୁ ଉଦ୍ୟମ କରିଥିଲେ। ଯୁବତୀ ଜଣଙ୍କ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛୁରାମାଡ଼ କରି ତାଙ୍କ ମୋବାଇଲ ନେଇ ପଳାଇଥିଲେ। ଫଳରେ ଯୁବତୀଙ୍କ ପିଠିର ବାମପଟ ଓ ହାତରେ ଆଘାତ ଲାଗିଥିଲା।

### ମହିଳାଙ୍କ ପାଇଁ ସଂରକ୍ଷିତ ରହିଲା ଅଧକ୍ଷା ପଦ

**ସମ୍ବଲପୁର,୨୫।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ପରିଷଦ ଅଧକ୍ଷ ପଦ ସଂରକ୍ଷଣରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ଏହା ସାଧାରଣ ରହିଥିବା ବେଳେ ଶୁକ୍ରବାର ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଫଳରେ ଏହି ପଦ ପାଇଁ ଆଶୟୀ ଥିବା ବିଭିନ୍ନ ଦଳର ନେତାମାନେ ନିରାଶ ହୋଇଛନ୍ତି। ସମ୍ବଲପୁର ଜିଲାରେ ମୋଟ ୧୮ ଗୋଟି ଜିଲା ପରିଷଦ ସିଟ୍ ରହିଛି। ସେଥିରୁ ୯ ଗୋଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୨୫।୧୨**

ମା' ଓ ଶିଶୁ ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ପ୍ରତ୍ୟେକ ରାଜ୍ୟରେ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ଏହା ଦାୟିତ୍ୱରେ ଜଣେ ପୋଲିସ ଅଧିକାରୀ ନିୟୋଜିତ ରହିବେ। ହେଲେ ଓଡ଼ିଶାରେ ଏହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ମହିଳା ଓ ଶିଶୁ ଅପରାଧ ବଢ଼ିଚାଲିଛି। ମମିତା ମେହେର ହତ୍ୟାକାଣ୍ଡକୁ ନେଇ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମହିଳା ଓ ଶିଶୁ ଅପରାଧ ପ୍ରକୋଷ୍ଠ ସମ୍ପର୍କରେ ବିଧାସଭାରେ ଉଠାଇଥିବାବେଳେ ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଜାଣି ନ ଥିବା ଉତ୍ତର ରଖିଥିଲେ। ଏ ନେଇ ସରକାର ଖାଲି ପ୍ରଚାର ପ୍ରସାର ଚଳାଇଛନ୍ତି ବୋଲି ଭାଜପା ରାଜ୍ୟ ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ତାଙ୍କ ଆହ୍ୱାନକ୍ରମେ ଭାଜପା ଝାରସୁଗୁଡା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରିନା ପଟେଲଙ୍କ ନେତୃତରେ ମହିଳାମାନେ ଶୁକ୍ରବାର ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନକରି ଜିଲାପାଳଙ୍କ ଅନୁପସ୍ଥିତିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଭାଜପା ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଟିଙ୍କିନା ଧଳ, ସାଧାରଣ ସମ୍ପାଦିକା ମମତା ଦୀପ୍, ମଣ୍ଡଳ ସଭାନେତ୍ରୀ ଜୟନ୍ତୀ ବଗର୍ତ୍ତି, ସ୍ନିଗ୍ଧା ପଲ, ମମତା ପଟେଲ ଓ କଳ୍ପନା ମେହେର ପ୍ରମୁଖ ସାମିଲ ଥିଲେ।

## ଓଡ଼ିଶା ବାଣିଜ୍ୟ ପରିଷଦର ରାଜ୍ୟସ୍ତରୀୟ ସମ୍ମିଳନୀ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଝାରସୁଗୁଡ଼ା ଅଫିସ,୨୫।୧୨**

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଦୁଇଦିନିଆ ରାଜ୍ୟସ୍ତରୀୟ ବାଣିଜ୍ୟ ପରିଷଦର ୪୧ତମ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ଦେଶ ଗଠନର ବିଦ୍ଧାଣୀ ବୋଲି କହିଥିଲେ। ଜିଲାପାଳ ସରୋଜ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମାନ ବୃଦ୍ଧି ପାଇଁ ଉତ୍ସର୍ଗୀକୃତ ଶିକ୍ଷକ ହିଁ ଏକମାତ୍ର ଉତ୍ତର ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବେଦାନ୍ତ ଆଲୁମିନିୟମ ମୁଖ୍ୟ ଦୀପକ କୁମାର ଯୋଗଦେଇ ଲକ୍ଷ୍ମୀ ନାରାୟଣ କଲେଜର ଭିତ୍ତିଭୂମି ବିକାଶ ପାଇଁ କମ୍ପାନୀ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଶମ୍ଭୁ ପ୍ରସାଦ ମିଶ୍ର ଓ ପ୍ରଫେସର ଧନୀରାମ ବିଶ୍ୱାଳଙ୍କୁ ମନ୍ତ୍ରୀ ଦାସ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ବାଣିଜ୍ୟ ପରିଷଦର ପୂର୍ବତନ ଅଧକ୍ଷ ପ୍ରଫେସର କୃଷ୍ଣ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଏସ୍.ଏ. ତାହିର ଓ ପ୍ରଫେସର ମଳୟ କୁମାର ମହାନ୍ତି ପରିଷଦର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରାଧାପିକା ସ୍ୱର୍ଣ୍ଣମୟୀ ପୁରୋହିତ ସଂଯୋଜନା କରିଥିବା ବେଳେ ବାଣିଜ୍ୟ ଅଧାପକ ସେକ ଅବଦୁଲ ଆଝର, ଅଧାପିକା ସୋନାଲି ସମାରିଆ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପିକା ପୂଜା ସାହା ପରିଚାଳନା କରିଥିଲେ।

### ଭାଜପା ପକ୍ଷରୁ ବାଜପେୟୀ ଜୟନ୍ତୀ

**ନାକଟିଦେଉଳ,୨୫।୧୨(ଡ଼ି.ଏନ.ଏ.)**

ନାକଟିଦେଉଳ ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବରିଷ୍ଠ କର୍ମୀ କୁମାରେଶ ସ୍ୱାଇଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦଳୀୟ କର୍ମୀମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ଦେବାର୍ଜ୍ଜନ ସାହୁ, ପ୍ରଫୁଲ୍ଲ ପ୍ରଧାନ, ହରିହର ସାହୁ, ବଳରାମ ସାହୁ, ଲକ୍ଷ୍ମୀଧର ପଲେଇ, ଦେବାର୍ଜ୍ଜନ ପ୍ରଧାନ, ରବି ଧଳ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। କିସିଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ମଧ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଥିଲା।

## ରଙ୍ଗୋଲି, ମେହେନ୍ଦି ପ୍ରତିଯୋଗିତା


ଗୋବିନ୍ଦତୋଲାଠାରେ ବିଧାୟକ ଜୟନାରାୟଣ ମିଶ୍ର କୃତୀମାନଙ୍କୁ ପୁରସ୍କୃତ କରୁଛନ୍ତି।

**ସମ୍ବଲପୁର,୨୫।୧୨(ବ୍ୟୁରୋ)**

ସମ୍ବଲପୁର ଗୋବିନ୍ଦତୋଲାଠାରେ ଶନିବାର ରଙ୍ଗୋଲି ଓ ମେହେନ୍ଦି ପ୍ରତିଯୋଗିତା -୨୦୨୧ ଅନୁଷ୍ଠିତ ହୋଇଯାଇଛି। ମେହେନ୍ଦି କନିଷ୍ଠ ବିଭାଗରେ ରୋଜି ବେଗମ ପ୍ରଥମ, ସେହେନାଜ ବେଗମ ଦ୍ୱିତୀୟ ଓ ଦିବ୍ୟାଂଶି ଗୁରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବିଭାଗରେ ସୁମନ ପଟେଲ, ସାଜିଆ ପରୱିନ, ଏସ ରଜଭି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ରଙ୍ଗୋଲି କନିଷ୍ଠରେ ବି. ଚିତ୍ତ ସ୍ୱରୂପା, ଏସ. ପରୱିନ, କ୍ରିଷ୍ଣା ଜେ ନାୟକ, ଆର ବେଗମ, ବରିଷ୍ଠରେ ଭାବନା ଆଚାର୍ଯ୍ୟ, ଲିଜା ମୁଣ୍ଡା ଓ ମଞ୍ଜୁ ସୁନାର କୃତିତ୍ୱ ହାସଲ କରିଛନ୍ତି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ସେବା ସଂଯୋଜିକା ରଶ୍ମିତା ଆଚାର୍ଯ୍ୟଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଅରବିନ୍ଦ ନାୟକ, ଦାମୋଦର କର, ଜଗନ୍ନାଥ ଆଚାର୍ଯ୍ୟସମ୍ମାନିତ ଅତିଥି ଥିଲେ।

## ଦ୍ୱିତୀୟ ରଜନୀରେ ନାଟକ ଗୁଟେ ରାତିର କଥା, ବହି ମଞ୍ଚସ୍ଥ

**ସମ୍ବଲପୁର,୨୫।୧୨(ବ୍ୟୁରୋ)**

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

ଯୁବ ଉଦୟନ ଆୟୋଜିତ ୨୪ତମ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ରଜନୀରେ ଗୁଟେ ରାତିର କଥା ଓ ବହି ନାଟକ ମଞ୍ଚସ୍ଥ ହୋଯାଇଛି। ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ପ୍ରଥମେ ସୋନପୁର ଜିଲା ବଡକର୍ଲେ ବୀଣାପାଣୀ ସାହିତ୍ୟ କଳା ସଂସଦ କଳାକାରମାନେ ନାଟକ ଗୁଟେ ରାତିର କଥା ମଞ୍ଚସ୍ଥ କରିଥିଲେ। ସୁମନ୍ତ ଭୋଇ ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଦ୍ୱିତୀୟ ନାଟକ ବହି ସୋହେଲା ଡ୍ରାମା କାଳାକାରମାନେ ପରିବେଷଣ କରିଥିଲେ। ଅଶୋକ କୁମାର ବହିଦାର ରଚନା କରିଥିବାବେଳେ ଡା. ତୁଷାରକାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିଲେ।

### ସୁନାଗହଣା ଲୁଟ୍

**ରାଉରକେଲା ଅଫିସ,୨୫।୧୨**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ସ୍ଥିତ ଏକ ଆପାର୍ଟମେଣ୍ଟର ଜଣଙ୍କ କବାଟ ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୧୨।୨୧) ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଆପାର୍ଟମେଣ୍ଟର ଶାନ୍ତି ସିଂ ଦୁଇଦିନ ତଳେ କୌଣସି କାମରେ ତାଙ୍କ ବନ୍ଧୁ ଘରକୁ ଯାଇଥିଲେ। ଘରେ କେହି ନ ଥିବା ଦେଖି ଦୁର୍ବୃତ୍ତ ତାଙ୍କ ଘର ପଛକବାଟ ଭାଙ୍ଗି ପଶିଥିଲେ ଏବଂ ଆଲମିରା ଭାଙ୍ଗି ସୁନା ଅଳଙ୍କାର ସହ ୭୫ ହଜାର ଟଙ୍କା ଲୁଟ୍ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍: ପ୍ରେସ୍ ଏକାଦଶ ବିଜୟୀ

**ଝାରସୁଗୁଡ଼ା ଅଫିସ,୨୫।୧୨**

ଝାରସୁଗୁଡ଼ା ଜିଲା କ୍ରିକେଟ୍ ଆସୋସିଏଶନ ତରଫରୁ ସ୍ଥାନୀୟ ବିଟିଏମ୍ ଖେଳପଡିଆରେ ସିନିୟର ବାଳକ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ୧୧ତମ ଦିନରେ ଝାରସୁଗୁଡା ପ୍ରେସ୍ ଏକାଦଶ ଓ ଝାରସୁଗୁଡା ଭେଟ୍ରାନ୍ କ୍ରିକେଟ୍ ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ପ୍ରେସ୍ ଏକାଦଶ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୬ ଉଇକେଟ୍‌ରେ ୧୫୯ରନ୍ କରିଥିଲା। ଭେଟ୍ରାନ୍ ଟିମ୍ ୧୫ ଓଭରରେ ୫ ଉଇକେଟ୍ ହରାଇ ୮୧ରନ୍ କରିଥିଲା। ପ୍ରେସ୍ ଏକାଦଶ ଟିମ୍‌ର ଦେବୁନ ବକ୍ସି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ଜିତେନ୍ଦ୍ରିୟ ଦେବତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଜ୍ଜ୍ୱଳ ପଟେଲ ଓ ନାସିର୍ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ ସଦସ୍ୟ ବିଜୟ କୁମାର ବେହେରା ମୁଖ୍ୟଅତିଥି, ଉପସଭାପତି ଜୀବନ ମହାନ୍ତି, ଓସିଏ ସହ ସମ୍ପାଦକ ମେହେତାପ୍ ଖାନ୍, ଗୋପାଳ ଦତ୍ତ, ଚନ୍ଦନ ମହାନ୍ତି, ଜାହିଦ୍ କୁରେସୀ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳର କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# କିରୋସିନ କଳାବଜାର, କମୁଛି ଡିଜେଲ ଚାହିଦା

**ସମ୍ବଲପୁର,୨୫।୧୨(ବ୍ୟୁରୋ)**




**କଳକାରଖାନା, ଅପମିଶ୍ରଣରେ ବ୍ୟବହାର**

ଗତ ନଭେମ୍ବର ମାସରୁ ଦର ବୃଦ୍ଧି ହେବା ପରେ ପିଡିଏସ୍ ସାମଗ୍ରୀ କିରୋସିନ କଳାବଜାର ବୃଦ୍ଧି ପାଇବାରେ ଲାଗିଛି। ସମ୍ବଲପୁର ଜିଲାର କେତେଜଣ ବ୍ୟବସାୟୀ ସମଗ୍ର ପଶ୍ଚିମ ଓଡ଼ିଶାରେ କଳା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ଏପରି କି ରାଜ୍ୟ ବାହାର ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ମଧ ଟ୍ୟାଙ୍କର ଯୋଗେ ଚୋରା ଚାଲାଣ କରାଯାଉଛି। ପ୍ରଶାସନ ଓ ଯୋଗାଣ ବିଭାଗ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରତିମାସରେ କୋଟି କୋଟି ଟଙ୍କାର କାରବାର ହେଉଛି। କିରୋସିନ କଳାବଜାର ହୋଇ କେତେକ ଜିଲା ଓ ଜିଲା ବାହାର କଳକାରଖାନାକୁ ଯାଉଛି। କାରଖାନାରେ ତେଲ ସହ ମିଶାଇ ବ୍ୟବାହର କରାଯାଉଛି। ଅନ୍ୟପଟେ ଡିଜେଲ ଅପମିଶ୍ରଣ ପାଇଁ ମୁଖ୍ୟତଃ କିରୋସିନ କଳାବଜାର ହେଉଥିବା ଜଣେ ବ୍ୟବସାୟୀ କହିଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱ କେତେକ ଢାବା ଓ ନିଛାଟିଆ ସ୍ଥାନରେ ଏହି ଡିଜେଲ ଅପମିଶ୍ରଣ କାରବାର ଚାଲିଛି। ଟ୍ୟାଙ୍କରରୁ ଡିଜେଲ ବାହାରକରି କିରୋସିନ ମିଶ୍ରଣ କରୁଛନ୍ତି। ଅପମିଶ୍ରଣ ଡିଜେଲ ବଜାରରେ ସରକାରୀ ଦରଠାରୁ ଲିଟର ପିଛା ପ୍ରାୟ ୧୦ରୁ ୧୫ ଟଙ୍କା କମ୍‌ରେ ବିକ୍ରି ହେଉଛି। ତେଣୁ ଏହାର ସିଧାସଳଖ ପ୍ରଭାବ ପେଟ୍ରୋଲ ପମ୍ପ ଉପରେ ପଡୁଛି ବୋଲି ଜଣେ ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଯେତେ ପରିମାଣ ତେଲ ବିକ୍ରି ହେଉଥିଲା ଏବେ କମିଯାଇଛି। ନିୟମିତ ଗ୍ରାହକ ବିଶେଷକରି ଚାଷୀ, ଠିକାଦାର, ଛୋଟ କାରଖାନା ମାଲିକ, ଖୁଚୁରା ବ୍ୟବସାୟୀ ପମ୍ପକୁ ଆସୁନାହାନ୍ତି। ସେମାନେ କମ ଦରରେ ତେଲ କିଣି ସଞ୍ଚୟ କରୁଛନ୍ତି। ସଠିକ ମାନର ତେଲ ବଦଳରେ ଅପମିଶ୍ରଣ ତେଲ ବିକ୍ରି କରୁଛନ୍ତି। ଏଥିପାଇଁ ଗ୍ରାହକମାନେ ଧ୍ୟାନ ଦେବା ଆବଶ୍ୟକ। ଅନ୍ୟପଟେ ତୈଳ କମ୍ପାନୀ ଚଢାଉ କରି କଳାବଜାର ରୋକିବା ନେଇ ପଦକ୍ଷେପ ଗ୍ରହଣ ନ କଲେ ପମ୍ପଗୁଡିକରେ ବିକ୍ରି କମିଯିବ। ଏହା ଦ୍ୱାରା ମାଲିକଙ୍କ ସହ ସରକାରଙ୍କ ରାଜସ୍ୱ ହାନି ହେବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ସମ୍ବଲପୁର ଜିଲାରେ ୨ ଲକ୍ଷ ୨୪ ହଜାର ୨୩୬ ଜଣ ହିତାଧିକାରୀ ପିଡିଏସ୍‌ରେ କିରୋସିନ ପାଉଛନ୍ତି। ଏହାକୁ ପଞ୍ଚାୟତ ଓ ଡିଲରମାନଙ୍କ ପାଖରେ ପହଞ୍ଚାଇବା ପାଇଁ ହୋଲସେଲର ଓ ମୁଖ୍ୟ ଡିଲର ନିୟୋଜିତ କରାଯାଇଛି। ଜିଲାରେ ମୋଟ ୨୧୮ ଜଣ ଡିଲର ରହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ବିଭିନ୍ନ ସମୟରେ କିରୋସିନ କଳାବଜାର ଉପରେ ଚଢାଉ କରାଯାଉଛି। ଆଗକୁ ଜାରି ରହିବ। ବିଭିନ୍ନ କାରଣରୁ ଲୋକମାନଙ୍କ ଚାହିଦା କମିଯାଇଥିବା ଘଟଣାକୁ ସେ ସ୍ୱୀକାର କରିଥିଲେ।

## ପାମରା ମଣ୍ଡଳ ଭାଜପା ପକ୍ଷରୁ ସୁଶାସନ ଦିବସ ପାଳିତ

ବଡ଼ଗାଁ, (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକର ପାମରା ମଣ୍ଡଳ ଭାଜପା ପକ୍ଷରୁ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ବା ସୁଶାସନ ଦିବସ ଶନିବାର ପାଳିତ ହୋଇଛି। ମଣ୍ଡଳ ସମ୍ପାଦକ ପରମେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଜପେୟୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଉପରେ କର୍ମକର୍ତ୍ତାମାନେ ରଣନୀତି ପ୍ରସ୍ତୁତ କରିଥିଲେ। କର୍ମକର୍ତ୍ତା ଅଶୋକ ଲାକ୍ରା, ବସନ୍ତ ସାହୁଙ୍କ ସହିତ ତିକାନନ୍ଦ ଜୟପୁରିଆ, ଦିଲ୍ଲୀପ ସେଠ, ଅଶୋକ ପଟେଲ, ଧନେଶର ଗିରି, କୃପାସିନ୍ଧୁ ନାଏକ ପ୍ରମୁଖଙ୍କ ସର୍ବସମ୍ମତିକ୍ରମେ ରାନୀବୁଡା ଗ୍ରାମର ହୃଦାନନ୍ଦ ନାଏକଙ୍କୁ କାର୍ଯ୍ୟକାରୀ ସଭାପତି ଚୟନ କରାଯାଇଥିଲା।

**ସଂକ୍ଷେପରେ**

## ଟାଉନ ହାଇସ୍କୁଲ ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ସୁନ୍ଦରଗଡ,୨୫।୧୨ (ଡି.ଏନ୍.ଏ)ସୁନ୍ଦରଗଡ ଶଙ୍କରାସ୍ଥିତ ଟାଉନ୍ ହାଇସ୍କୁଲର ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଡେର୍ଙ୍ଗଭାଡିସ୍ଥିତ ଜ୍ୟୋତିକ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହର ପ୍ରାରମ୍ଭରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପୂର୍ବତନ ୬ଜଣ ଶିକ୍ଷକ ପ୍ରଶାନ୍ତ ପଟେଲ, ମହେନ୍ଦ୍ର ପଟେଲ, ପର୍ଶୁରାମ ଚୌଧୁରୀ, ସୋମନାଥ ନାଏକ, ଲଲିନ୍ଦ୍ର ଅମାତ ଓ ସୁବାସ ଚନ୍ଦ୍ର ଦେଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ର ଅନିଲ କୁମାର ମିଶ୍ର, ସୁବାସ ମାଝୀ, ଗୋବିନ୍ଦ ଚନ୍ଦ୍ର ପଟେଲ, ହେମନ୍ତୀ ଅମାତ, ସୁରେଶ ପଟେଲ, ପ୍ରଦୀପ ପାଢୟୋଶୀ, ରାଜକିଶୋର ଦାଶ, ସୁଶୀଲ କୁମାର ଦାଶ, ଦିଲୀପ ସିଂ, ରାଜକପୁର ଦେହୁରୀ, ଗୀତାଞ୍ଜଳି ମହାନନ୍ଦ, ସୁଷମା ମାଝି, ନିରୋଳା ମାଝି, ସୁଜାତା ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଏହି ବନ୍ଧୁମିଳନରେ ସମସ୍ତେ ନିଜ ଛାତ୍ର ଜୀବନର ଅନୁଭୂତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଦିବସ ପାଳିତ

ସୁନ୍ଦରଗଡ,୨୫।୧୨(ଡି.ଏନ.ଏ.)- ସୁନ୍ଦରଗଡ଼ ଭାଜପା ଜିଲା ଶାଖ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ତଳସରା ବିଧାୟକ ତଥା ଜିଲା ସଭାପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ନେତା ସହଦେବ ଖାଖା ପ୍ରାରମ୍ଭରେ ଦ୍ୱୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣେଇଥିଲେ । ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ଜିଲା ସମ୍ପାଦକ ଗୁଲସନ ବରୁଆ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡ଼. ହିମାଂଶୁ ଷଡ଼ଙ୍ଗୀ, ଜିଲା କାର୍ଯ୍ୟାଳୟ ପ୍ରମୁଖ ଭେଷଜ ରଥ, କାନନବାଳା ବେହେରା, ଅଞ୍ଜଳୀ ପଟେଲ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ ମଣ୍ଡଳରେ ଅନାଥ ଆଶ୍ରମରେ ଫଳବଣ୍ଟନ ଅସହାୟଙ୍କୁ କମ୍ବଳ ବଣ୍ଟନ, ନୃତ୍ୟ ପ୍ରତିଯୋଗିତା ଓ ମନ୍ଦିରରେ ଦ୍ୱୀପଦାନ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ତୁଳସୀ ପୂଜନ ଦିବସ ପାଳିତ

ଲହୁଣୀପଡ଼ା,୨୫।୧୨(ଡିଏନଏ)ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁଡେଇକଲା ପଞ୍ଚାୟତ ବାସୁବାହାଲ ବାସିଆମ ହୁଡ଼ି ସ୍ଥିତ ତ୍ରିପତି ସପ୍ତେଶ୍ୱର ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିର ପ୍ରାଙ୍ଗଣ ଠାରେ ରୀତିନୀତି ଅନୁସାରେ ତୁଳସୀ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏଥିରେ ଟ୍ରଷ୍ଟ ସଭାପତି ମିଶ୍ର କୁମାର ମାହାନ୍ତ, ଉପ ସଭାପତି ହରେକୃଷ୍ଣ ମାହାନ୍ତ, ସମ୍ପାଦକ ଆନନ୍ଦ କୁମାର ବାରିକ ଓ ସମାଜସେବୀ ଦିନେଶ ଜୟସୱାଲ ଯୋଗଦେଇ ହିନ୍ଦୁ ଧର୍ମ ଓ ପୁରାଣ ଶାସ୍ତ୍ରରେ ବର୍ଣିତ ତୁଳସୀ ବୃକ୍ଷ ଉପରେ ବିସ୍ତୃତ ଭାବେ ଆଲୋକପାତ କରିବା ସହିତ ମଣିଷ ସମାଜ ପାଇଁ ତାର ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ତୁଳସୀ ପୂଜନ ଦିବସ ପାଳନ ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ବୃଦ୍ଧ ବୃଦ୍ଧା ଓ ଅସହାୟ ପ୍ରାୟ ୭୦ ଜଣଙ୍କୁ ଟ୍ରଷ୍ଟ ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ଓ ହୃଷିକେଶ ମାହାନ୍ତଙ୍କ ତତ୍ତ୍ୱାବଧାନରେ ଏବଂ ଟିକେଶ୍ୱର ମାହାନ୍ତ, ପିତାମ୍ବର ମାହାନ୍ତ, ମନୋଜ ମାହାନ୍ତ, ରଥୁ ମାହାନ୍ତ, ହିମାଦ୍ରୀ ମାହାନ୍ତ, ସନ୍ତୋଷ ମାହାନ୍ତ, ମନୋରଞ୍ଜନ ମାହାନ୍ତ ସମେତ ଟ୍ରଷ୍ଟର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି।

## ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ନିର୍ବାଚନ ୩୦ରେ

ରାଜଗାଙ୍ଗପୁର, ୨୫।୧୨(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ନିର୍ବାଚନ ଆସନ୍ତା ୩୦ ତାରିଖ ଅନୁଷ୍ଠିତ ହେବ । ଶନିବାର ସନ୍ଧ୍ୟାରେ ବିଭିନ୍ନ ପଦପାଇଁ ଆବେଦନ ହୋଇଥିବା ପ୍ରାର୍ଥୀପତ୍ରଗୁଡ଼ିକ ଯାଞ୍ଚ କରାଯାଇଛି । ଯାଞ୍ଚ ପରେ ସଭାପତି ପଦ ପାଇଁ ରାମଜୀ ପ୍ରସାଦ ଓ ରାକେଶ ନନ୍ଦା ୨ଜଣ ରହିଛନ୍ତି । ସମ୍ପାଦକ ପଦ ପାଇଁ ୩ ଜଣ ରହିଛନ୍ତି ଓ ଏଥି ସହିତ ଅନ୍ୟାନ୍ୟ ପଦ ପାଇଁ ମଧ୍ୟ ବହୁମୁଖୀ ଲଢେଇ ହେବାର ରହିଛି ।

# ରାତିଅଧିଆ ସହକାରୀ ଯନ୍ତ୍ରୀ ଗିରଫ

ସୁନ୍ଦରଗଡ଼,୨୫।୧୨(ଡି.ଏନ୍.ଏ.)

- ସୁନ୍ଦରଗଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ
- ଅନିୟମିତତା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବାକୁ ଜନସାଧାରଣରେ ଦାବି
- ଅନିୟମିତତାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ବି ଗିରଫ କରାଯାଉ

ସୁନ୍ଦରଗଡ଼ ପୌରପାଳିକାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଠିକାକାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଶୁକ୍ରବାର ରାତିରେ ଟାଉନ୍ ଥାନା ପୋଲିସ ଦ୍ୱାରା ପୌରପାଳିକାର ନିଲମ୍ବିତ ସହକାରୀ ଯନ୍ତ୍ରୀ ଜୟନ୍ତ ନାରାୟଣ ପଣ୍ଡା ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ତାଙ୍କ ବିରୋଧରେ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ତଥା ବିନା କାରଣରେ ଛୁଟିରେ ରହିବା, ନିଜ ପଦବୀରେ ରହି ବିନା ଟେଣ୍ଡରରେ ଠିକା ବାଣ୍ଟିବା ଅଭିଯୋଗ ହୋଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କୁ ଗିରଫ କରିଛି। ଦୀର୍ଘଦିନ ହେବ ପୌରପାଳିକା ଅଧୀନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କାର୍ଯ୍ୟକରି ସେହି କାମର ବିଲ୍ ନ ପାଇ ଠିକାଦାରମାନେ ବାରମ୍ବାର ଅଫିସ୍ ଦୌଡି ନୟାନ୍ତ ହୋଇସାରିଲେଣି। ହେଲେ ସେମାନଙ୍କୁ ସେହି କାର୍ଯ୍ୟର ବିଲ୍ ମିଳୁନାହିଁ। ପ୍ରଥମେ ପୂର୍ବତନ ପୌରନିର୍ବାହୀ ଅଧିକାରୀ ଅଶୋକ ମିଶ୍ର ଭିଜିଲାନ୍ସ ହାତରେ ଧରାପଡି ଏଠାରୁ ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ପ୍ରଦୀପ କୁମାର ସାହା ପୌରନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଥିଲେ। କିନ୍ତୁ ସେ ଏହି ସବୁକାର୍ଯ୍ୟଗୁଡିକରେ ବିଭିନ୍ନ ଅନିୟମିତତା ଥିବା କହି ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଏକ ତଦନ୍ତ ଟିମ୍ ଗଠନ କରି ବିଭିନ୍ନ କାର୍ଯ୍ୟର ସରଜମିନ ତଦନ୍ତ କରି କାମ ହୋଇଥିବା ନେଇ ରିପୋର୍ଟ ଦେଇଥିଲେ। ଏହା ପରେ ବିଲ୍ ମଞ୍ଜୁର ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ନିର୍ବାହୀ ଅଧିକାରୀ ସାହାଙ୍କ ଏଠାରୁ ଅନ୍ୟତ୍ର ବଦଳି ହୋଇଥିଲା। ମଧୁମିତା ସିଂ ନୂତନ ପୌରନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କୁ ଠିକାଦାରମାନେ ନେହୁରା ହେବା ପରେ ସେ ସମସ୍ତ ଫାଇଲ ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ପଠାଇଦେଇଥିବା କହିଥିଲେ। ଏନେଇ ଠିକାଦାରମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଦୀର୍ଘଦିନ ହେଲା ଉପଜିଲାପାଳ ତଦନ୍ତ କରିଥିବା ରିପୋର୍ଟ ଉପରେ କାହିଁକି ଠିକାଦାରମାନଙ୍କ ବିଲ୍ ପଇଠ ନ କରାଯାଇ ଦୀର୍ଘଦିନ ଧରି ତାଙ୍କୁ ଅନ୍ଧାରରେ ରଖାଗଲା। ପରିଶେଷରେ କାମ କରି ବିଲ୍ ପାଇ ନ ଥିବା ଠିକାଦାରମାନେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ନିଲମ୍ବିତ ସହକାରୀ ଯନ୍ତ୍ରୀ ଜୟନ୍ତ ନାରାୟଣ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଠିକାଦାରଙ୍କ ଏତାଲା ଅନୁଯାୟୀ ପୂର୍ବତନ ପୌର ଅଧିକାରୀ ଅଶୋକ ମିଶ୍ର, ପୌରଯନ୍ତ୍ରୀ ମାନସରଞ୍ଜନ ପାଲ କାମ ବାଣ୍ଟିବାଠୁ ଆରମ୍ଭ କରି ତଦାରଖ ମଧ୍ୟ କରିଥିଲେ। ବିଭିନ୍ନ କାର୍ଯ୍ୟର ଭିତ୍ତିସ୍ଥାପନ କନିଷ୍ଠ ଯନ୍ତ୍ରୀ ରଞ୍ଜିତା ପଟେଲ ଦେଇଥିଲେ। ଏହାପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନାନା ଆଳ ଦେଖାଇ ଠିକାଦାରମାନଙ୍କ ଏହିସବୁ କାର୍ଯ୍ୟର ବିଲ୍ କରିବାକୁ ହଇରାଣ କରି ଆସୁଥିଲେ। ଏହି ସମସ୍ତ ଅଭିଯୋଗ ପରେ ସହକାରୀ ଯନ୍ତ୍ରୀ ଜୟନ୍ତ ପଣ୍ଡାଙ୍କୁ ଗିରଫ କରାଯାଇଥିବାବେଳେ ପୋଲିସ ଅନ୍ୟମାନଙ୍କୁ ଗିରଫ କରିବାରେ କାହିଁକି ପଛଘୁଞ୍ଚା ଦେଉଛି ସେ ନେଇ ସାଧାରଣରେ ପ୍ରଶ୍ନଉଠିଛି। ଉପରିସ୍ଥ ତତ୍କାଳୀନ ପୌରନିର୍ବାହୀ ଅଧିକାରୀ ଓ ଅନ୍ୟମାନଙ୍କୁ ଗିରଫ କରାଯାଇ ନ ଥିବା ବେଳେ ବରିଷ୍ଠ ପୌରଯନ୍ତ୍ରୀଙ୍କୁ କାହିଁକି ଛାଡି ଦିଆଗଲା ଓ ଅନ୍ୟମାନଙ୍କୁ କାହିଁକି ଅନୁକମ୍ପା ପ୍ରଦର୍ଶନ କରାଯାଇଛି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ଏହାର ଉଚିତ ତଦନ୍ତ କରାଯାଇ ଜିଲାପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ଗିରଫ ସହକାରୀ ଯନ୍ତୀ ପଣ୍ଡା ଗତ ଏପ୍ରିଲ ୧୨ରୁ ମେ୧୦ ଯାଏ କୌଣସି କାରଣ ନ ଦର୍ଶାଇ କାର୍ଯ୍ୟରେ ଅନୁପସ୍ଥିତ ଥିଲେ। କାରଣ ଦର୍ଶାଅ ନୋଟିସର ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ତାଙ୍କୁ ଗତ ମେ୧୩ ତାରିଖରେ ଜିଲାପାଳ କାର୍ଯ୍ୟରୁ ନିଲମ୍ବିତ କରିଥିଲେ।

## ଆରଏସ୍ଏସ୍‌ର ସଦସ୍ୟ ହେଲେ ମାଇନ୍ସ କର୍ମଚାରୀ



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଏବଂ ଅନ୍ୟମାନେ ।

ରାଉରକେଲା ଅଫିସ୍,୨୫।୧୨

ରାଉରକେଲା ଶ୍ରମିକ ସଂଘ (ଆରଏସ୍ଏସ୍)ର ନୀତି, ଆଦର୍ଶ ଓ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବରସୁଆଁ ଆଇରନ ଓ ମାଇନ୍ସର ୧୨ଜଣ କର୍ମଚାରୀ ସଂଘରେ ଯୋଗଦାନ କରିଛନ୍ତି। ସଂଘ କାର୍ଯ୍ୟାଳୟରେ ଉକ୍ତ କର୍ମଚାରୀମାନେ ଆରଏସ୍ଏସ୍‌ର ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ସାସମଲଙ୍କ ନେତୃତ୍ୱରେ ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ବେହେରାଙ୍କୁ ସାକ୍ଷାତ ଆଲୋଚନା କରିଥିଲେ। ପରେ ସେମାନେ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ବୈଠକରେ ନିହାର ସାମଲ, ଅକ୍ଷୟ ଜେନା, ଦିଲୀପ ମହାପାତ୍ର, ବି. ରଣଜିତ, ନିହାର ଦାସ, ଭଗବାନ ସେଠୀ, ଫାରୁକ୍ ଖାନ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଭି.ଏସ୍. ଚକ୍ରବର୍ତ୍ତୀ ସେଲ୍‌ର ବାଣିଜ୍ୟକ ନିର୍ଦ୍ଦେଶକ

ରାଉରକେଲା ଅଫିସ,୨୫।୧୨



ଭି. ଏସ୍ ଚକ୍ରବର୍ତ୍ତୀ।

ଭି. ଏସ୍ ଚକ୍ରବର୍ତ୍ତୀ ସେଲ୍‌ର ନୂତନ ବାଣିଜ୍ୟକ ନିର୍ଦ୍ଦେଶକ ଭାବେ ଯୋଗ ଦେଇଛନ୍ତି। ସେ ୧୯୮୭ରେ ସେଲ୍‌ର ସେଣ୍ଟ୍ରାଲ ମାର୍କେଟିଂ ଅର୍ଗାନାଇଜେଶନରେ ଯୋଗ ଦେଇଥିଲେ। ଚକ୍ରବର୍ତ୍ତୀ ଏହା ପୂର୍ବରୁ ସେଲ୍ ଅଧୀନରେ ରହି ବହୁ ପ୍ରୋଜେକ୍ଟରେ କାମ କରି ସେଲ୍ ପାଇଁ ଗୌରବ ଆଣିଛନ୍ତି।

## ଟ୍ରକ୍ ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଦେବଗଡ଼,୨୫।୧୨(ଡି.ଏନ୍.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ନୂଆଁଭୁଇଁ ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ଶନିବାର ଦୁର୍ଘଟଣା ଘଟିଛି। ଏକ ମାଲବୋଝେଇ ଟ୍ରକ୍ ଧକ୍କାରେ ୨ଜଣ ସ୍କୁଟି ଆରୋହୀଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ ପାଲକୁଦର ଗ୍ରାମର ନକୁଳ ରଣବୀଳ ଓ ଫକୀର ରଣବୀଳ ଏକ ସ୍କୁଟି ଯୋଗେ ନୂଆଁଭୁଇଁ ଗ୍ରାମସ୍ଥିତ 'ଗୁଡ ନ୍ୟୁଜ ଇଣ୍ଡିଆ' ଶିଶୁ ଗୃହରେ ରହୁଥିବା ସମ୍ପର୍କୀୟା ନାତୁଣୀଙ୍କୁ ଦେଖିବାକୁ ଆସିଥିଲେ। ତେବେ ସେମାନେ ୪୯ ନମ୍ବର ଜାତୀୟ ରାଜପଥ ଫୋର ୱେର ବାମପଟୁ ଡାହାଣ କଡ ବୁଲାଣିକୁ ଯାଉଥିବା ବେଳେ ପଛରୁ ଆସୁଥିବା ଏକ ପିଆଜ ବୋଝେଇ ଟ୍ରକ ସେମାନଙ୍କ ଉପରେ ମାଡଯିବା ସହ ସ୍କୁଟିକୁ ବହୁ ଦୂର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ନକୁଳ ଓ ଫକୀରଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକକୁ ଅଟକାଇ ଚାଳକ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଲୋକେ ୪୯ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସନ୍ଧ୍ୟାରେ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦେବଗଡ଼ ଆଦର୍ଶ ଥାନା ପୋଲିସ ମୃତଦେହ ଦୁଇଟି ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡିଛି। ସେହିପରି ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ସ୍କୁଟିକୁ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ସ୍କୁଟି ସହ ଟ୍ରକ୍ ଅଟକି ରହିଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଏକ ନିର୍ବାଚନୀ ପ୍ରହସନ: ଭାଜପା

ସୁନ୍ଦରଗଡ଼,୨୫।୧୨(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଏକ ନିର୍ବାଚନୀ ପ୍ରହସନ ବୋଲି ଭାଜପା ଅଭିଯୋଗ କରିଛି। ଏନେଇ ଶୁକ୍ରବାର ଭାଜପା ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା ଅଭିଯୋଗ କରାଯାଇଛି। ଏନେଇ ଭାଜପା ୧୦ଟି ପ୍ରଶ୍ନ ପଚାରିଛି। ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଭାଜପା ରାଜ୍ୟ ମୁଖପାତ୍ର ଧିରେନ ସେନାପତି ଏନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେ କହିଛନ୍ତି କେନ୍ଦ୍ର ସରକାର ଆବାସ ଯୋଜନା ପାଇଁ ସିଂହଭାଗ ଅର୍ଥ ଦେଉଥିଲା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ର ପାତରଅନ୍ତର କରୁଛନ୍ତି କହିବା ଦୁର୍ଭାଗ୍ୟଜନକ। ସେ ଆହୁରି କହିଛନ୍ତି, ଗ୍ରାମାଞ୍ଚଳରେ ଶାସକ ଦଳ ନିଜର ସମର୍ଥକମାନଙ୍କୁ ଏହି ଆବାସ ଗୃହ ବଣ୍ଟନ କରୁଥିଲାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ରାଜ୍ୟ ସରକାର ତଦନ୍ତ କରିବା ପାଇଁ କଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

## ଭାଜପା ପକ୍ଷରୁ ବାଜପେୟୀଙ୍କ ଜୟନ୍ତୀ, ଫଳ ବଣ୍ଟନ




ବାଜପେୟୀଙ୍କ ଜୟନ୍ତୀ ସଭାରେ ଉପସ୍ଥିତ ଦଳୀୟ ନେତା, କର୍ମୀ।

ଦେବଗଡ଼,୨୫।୧୨(ଡି.ଏନ.ଏ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଦେବଗଡ ଜିଲା ଭାଜପା ପକ୍ଷରୁ ଶନିବାର ଏକ ଜୟନ୍ତୀ ସଭା ଅନୁଷ୍ଠିତ ହେବା ସହ ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସଭାରେ ଭାଜପା ଦଳର ବହୁ କର୍ମକର୍ତ୍ତା ଯୋଗ ଦେଇ ସ୍ୱର୍ଗତଃ ବାଜପେୟୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଏବଂ ଧୂପଦ୍ୱୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ପରେ ବିଧାୟକ ପାଣିଗ୍ରାହୀଙ୍କ ନେତୃତ୍ୱରେ ନେତା, କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ରୋଗୀ ଏବଂ ସହାୟକ/ସହାୟିକା ମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ଘରେ ପଶି ଧାନ ଖାଇଲା ହାତୀ

ବଡ଼ଗାଁ, ୨୫।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରେ ଗୋଟିଏ ହାତୀ ପଶି ଧାନ ଖାଇଥିବା ଜଣାପଡିଛି। ଶୁକ୍ରବାର ରାତି ପ୍ରାୟ ୧ଟାରେ ହାତୀ କବାଟ ଭାଙ୍ଗି ପଶିଘର ଭିତରେ ଧାନ ଖାଇଲାବେଳେ ଲୋକେ ବନ କର୍ମଚାରୀଙ୍କୁ ଜଣାଇଥିଲେ। ବନ କର୍ମଚାରୀ ଜନ୍ମେଜୟ ବାଗ, ହରିହର ସାହୁ, ଅଭିନସୁନ୍ଦର ସାହୁ, ଜୋଇସି ବୁଢ଼ା, କ୍ଷୀରୋଦ ନାଏକ ହାତୀକୁ ଘରୁ ବାହାର କରି ତଡିଥିଲେ।

## ମଳେହିପଡ଼ାରେ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

ରିଆମାଳ, ୨୫।୧୨ ( ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକର ମଳେହିପଡା ପଞ୍ଚାୟତ ପଡିଆଠାରେ ଭିଏସ୍‌ଏସ୍ କ୍ଲବ୍ ତରଫରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜସେବୀ ଇଂ ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ତହସିଲଦାର ବୀରସେନ ବେହେରା, ବରିଷ୍ଠ ନେତା ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚଟି ମଳେହିପଡା 'ବି' ସହିତ ତିମୁର ଖେଳ ହୋଇଥିବା ବେଳେ ତିମୁର ଦଳ ବିଜୟୀ ହୋଇଥିଲା। ରାମଚନ୍ଦ୍ର ବିଶ୍ୱାଳ ଓ ବୃନ୍ଦାବନ ସାହୁ ଖେଳକୁ ପରିଚାଳନା କରିଥିଲେ। କ୍ଲବର ସଭାପତି ପୁପୁନ ପ୍ରଧାନ ଓ ସମ୍ପାଦକ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଖେଳ ହୋଇଥିଲା। ଖେଳର ପ୍ରଥମ ଦିନର ଅନ୍ତିମ ପର୍ଯ୍ୟାୟରେ ରିଆମାଳ ଦଳ ଏବଂ ତିମୁର ଦଳ ମଧ୍ୟରେ ସେମିଫାଇନାଲ ଖେଳ ହୋଇଥିଲା । ଶେଷରେ ତିମୁର ଦଳ ରିଆମାଳ ଦଳଠାରୁ ୭ପଏଣ୍ଟ ଆଗରେ ରହି ଜିତିଥିଲେ। ସେମି ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଭାଜପା ଜିଲା ଉପସଭାପତି ନିରଞ୍ଜନ ବେହେରା, ଯୁବ ନେତା ମୁନସୁନ କୁମାର ସାହୁ, ବରିଷ୍ଠ ନେତା ପ୍ରମୋଦ କୁମାର ପ୍ରଧାନ, ମଳେହିପଡା ସରପଞ୍ଚ ହାବିଲ କୁମାର ସାହୁ, ସମିତି ସଭ୍ୟ ଅମୂଲ୍ୟ କୁମାର ପ୍ରଧାନ, ଯୁବନେତା କୌଶିକ ପ୍ରଧାନ, ରିଆମାଳ ସରପଞ୍ଚ ତରଣିସେନ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।



କବାଡି ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମହିଳା ମହାବିଦ୍ୟାଳୟରେ ଜାତୀୟ ସଡ଼କ ସଚେତନତା ଦିବସ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୫।୧୨(ଡି.ଏନ.ଏ.)

ରାଜଗାଙ୍ଗପୁରସ୍ଥିତ ସରବତୀଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସଡକ ସଚେତନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ବିପିନ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପକ ସପନ ପଣ୍ଡା ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ସାଇକେଲ ଆରୋହୀ ଭଦ୍ରକ ସନ୍ତୋଷ ମିଶ୍ର ଯୋଗଦେଇ ଦୀର୍ଘ ୨୦ବର୍ଷ ମଧ୍ୟରେ ୬ଲକ୍ଷ କିମି ବିଶ୍ୱଭ୍ରମଣ କରିଥିବାର ଅନୁଭୂତି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ସହକାରୀ ଏମ୍‌ଭିଆଇ ସୁନ୍ଦରଗଡ ବିକାଶ ମିଶ୍ର ଯୋଗଦେଇ ଟ୍ରାଫିକ୍ ନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଅଧାପିକା ବିକାଶ ଲତା ସରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବାମଣ୍ଡା କପ୍ କ୍ରିକେଟ: ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଦେବଗଡ଼, ୨୫।୧୨(ଡି.ଏନ୍.ଏ.)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୩୧ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ ଦଳ ବାଲେଶ୍ୱର ଏକାଦଶକୁ ୫୭ରନ୍‌ରେ ହରାଇ ବିଜୟୀ ହୋଇଛି। ବାଲେଶ୍ୱର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ କଟକ ଦଳକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୩ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୪୧ବଲରେ ୮୨ ରନ୍ ଓ ସୌଭାଗ୍ୟ ମିଶ୍ର ୪୦ରନ୍ କରିଥିଲେ। ବାଲେଶ୍ୱର ଦଳର ଆକାଶ ଶେଖ, ପ୍ରବୋଧ ଦ୍ୱିବେଦୀ ଓ ଧନୁ ପ୍ରସାଦ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ବାଲେଶ୍ୱର ଦଳ ବ୍ୟାଟିଂ ଆରମ୍ଭ କରି ୨୦ଓଭରରେ ୯ ଉଇକେଟ ହରାଇ ୧୧୬ ରନ୍ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଉମେଶ ଗୌତମ ୩୦ ବଲରେ ୬୦ ରନ୍ କରିଥିଲେ। କଟକ ଦଳର ବିପ୍ଳବ ସାମନ୍ତରାୟ ୩, ଅରବିନ୍ଦ ସିଂ ଓ ଅଭିଜିତ ୨ଟି ଉଇକେଟ ନେଇଥିଲେ। କଟକ ଦଳର ଅରବିନ୍ଦ ସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ବରିଷ୍ଠ ଓକିଲ ସଚ୍ଚିକାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଅମ୍ପାୟାର ପରାସର ବିଶ୍ୱାଳ ଓ ସତ୍ୟ ରଥ ପରିଚାଳନା କରିଥିଲେ। ନରେନ୍ଦ୍ର ଗୁମାନସିଂ ସ୍କୋରର, ବେଣୁଧର ଗଡ଼ନାୟକ ଓ ଚେତନ ସିହ୍ନା ଧାରାବିବରଣୀ ଦେଇଥିଲେ। ରବିବାର ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ ବନାମ ସମ୍ବଲପୁର ଜଗନ୍ନାଥ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।




ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ବାଜପେୟୀଙ୍କ ଜୟନ୍ତୀ ଓ ସୁଶାନ ଦିବସ ପାଳିତ

ଲହୁଣୀପଡ଼ା,୨୫।୧୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ଶକ୍ତିକେନ୍ଦ୍ର ଠାରେ ଭାରତୀୟ ଜନତା ପାର୍ଟି ଲହୁଣୀପଡ଼ା ମଣ୍ଡଳ ତରଫରୁ ଶନିବାର ସୁଶାସନ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଲହୁଣୀପଡ଼ା ମଣ୍ଡଳର ରାଜାମୁଣ୍ଡା ଶକ୍ତିକେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସେବତୀ ନାଏକ, ଉପ ସଭାପତି ବାସୁଦେବ ସାହୁ, ସମ୍ପାଦିକା ବନ୍ଦିତା ମାହାନ୍ତ, ମଣ୍ଡଳ ସଭାନେତ୍ରୀ ନମିତା ମାହାନ୍ତ, ସାଧାରଣ ସମ୍ପାଦକ ଲୋଥାର ଓରାମ, ଯୁବ ସଭାପତି ଅଜୟ ପଣ୍ଡା, ଗିରିଧାରୀ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାଜପା ବଣେଇ ସାଙ୍ଗଠନିକ ଜିଲା ତରଫରୁ କେ.ବଲାଙ୍ଗ ମଣ୍ଡଳର ସଭାପତି ମାଦି ଓରାମ, ଜିଲା ଉପସଭାପତି ମହେଶ ସାହାଙ୍କ ତତ୍ତ୍ୱାବଧାନରେ ସୁଶାସନ ଦିବସ ପାଳିତ ହୋଇଯାଇଛି।

## ଅତୁଲ୍ୟ କୁମାର ପୂଜାରୀ ଅମ୍ବୁଡସ ପର୍ସନ ନିଯୁକ୍ତ

ଦେବଗଡ଼ ୨୫।୧୨(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏଠାକାର ବରିଷ୍ଠ ଆଇନଜୀବୀ ଅତୁଲ୍ୟ କୁମାର ପୂଜାରୀଙ୍କୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଆମ୍ବୁଡସ ପର୍ସନ ଭାବେ ନିଯୁକ୍ତି ମିଳିଛି । ପୂଜାରୀ ପୂର୍ବରୁ ସରକାରୀ ଓକିଲ, ଦେବଗଡ ଓ ସମ୍ବଲପୁର ଖାଉଟୀ ଅଦାଲତର ସଭାପତି ଭାବେ ଦାୟିତ୍ୱ ତୁଲାଇ ସାରିଥିବା ବେଳେ ବର୍ତ୍ତମାନ ଦେବଗଡ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୬ ଡିସେମ୍ବର, ୨୦୨୧

## ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ ଲୁହସିଂହା ମଣ୍ଡି ପରିଦର୍ଶନ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ଧାନ ମଣ୍ଡିକୁ ଶନିବାର ପାଟଣାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ ପରିଦର୍ଶନ କରିଥିଲେ । ଗସ୍ତ ଅବସରରେ ଚାଷୀଙ୍କୁ ଭେଟି ଧାନ କିଣା ବିକାରେ ସମସ୍ୟା, ମାପ ଓଜନ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ବିକାଶ ବର୍ଲା, ସମ୍ପାଦକ ଶ୍ରୀପତି ଭୋଇ, ଚାଷୀନେତା କନ୍ଦର୍ପ ସୁଆର, ଜୟନ୍ତପାଳ ମେହେର, ଧୀରେନ ସୁଆର, ରାଜକିଶୋର ମେହେର, ଡ଼ିଇଓ ଯଦୁମଣି ରଣା ଏହି ଅବସରରେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଉଠିଲାନି ଧାନ, ନିଆଁ ଲଗାଇଦେଲେ ଚାଷୀ

ବିନିକା,୨୫।୧୨(ଡି.ଏନ୍.ଏ.): ବିନିକା ଅଞ୍ଚଳରେ ଧାନକିଣା ମନ୍ଥର ଗତିରେ ଚାଲିଛି। ଏଥିଯୋଗୁ ଚାଷୀ ଅମଳ କରି ରଖିଥିବା ଧାନ ମଣ୍ଡିରେ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛି। ଫସଲ ଉଠିଆ କରିବାକୁ କରିଥିବା ଉଧାର ଶୁଝି ପାରୁନାହିଁ। ଏଭଳି ସ୍ଥିତିରେ ମାନସିକ ଅସନ୍ତୁଳନରେ ଗତି କରୁଥିବା ଜଣେ ଚାଷୀ ଅମଳ କରି ରଖିଥିବା ୫୦ବସ୍ତା ଧାନରେ ନିଆଁ ଲଗାଇ ଦେଇଛନ୍ତି। ଚାଷୀ ଜଣକ ହେଲେ ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ହୁତୁମା ଗାଁର ବାସୁଦେବ ଭୋଇ(୫୩)। ଚଳିତ ବର୍ଷ ସେ ନିଜର ଓ ଭାଗକୁ ମିଶାଇ ସାଢେ ୫ଏକର ଜମିରେ ଖରିଫ ଧାନଚାଷ କରିଥିଲେ। ୪ଏକର ଜମିରୁ ମାସକ ତଳେ ଧାନ ଅମଳ କରିଥିଲେ। ଅମଳ ସମୟରେ ଅଦିନିଆ ବର୍ଷା ଯୋଗୁ କିଛି ଧାନ ବେରଙ୍ଗି ହୋଇଯାଇଥିଲା । ବଳକା ଧାନକୁ ସେ ମଣ୍ଡିରେ ବିକିବା ପାଇଁ ରଖିଥିଲେ। ବିକ୍ରି ନ ହେବାରୁ ଗୁରୁବାର ରାତିରେ ସେ ଧାନରେ ନିଆଁ ଲଗାଇ ପୋଡି ଦେଇଥିଲେ ।

### ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ

ଖପ୍ରାଖୋଲ,୨୫।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା କେଜିବିଭିଠାରୁ ବାହାରି ବ୍ଲକ ଅଫିସରେ ପହଞ୍ଚିଥିଲା। ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପୂର୍ଣ୍ଣିମାସୀ ବାରିହା, ବିଡ଼ିଓ ରଶ୍ମିରଞ୍ଜନ ରାଉତ, ଏବିଇଓ ଶୁଭ୍ରାଂଶୁ ପୁରୋହିତ, ଜିପିଓ ସୁଶାନ୍ତ ପାଣି, ପ୍ରମୁଖ ଯୋଗଦେଇ ଶିଶୁଙ୍କ ସୁରକ୍ଷା ଏବଂ ଅଧିକାର ଉପରେ ମତ ରଖିଥିଲେ ।

# ମଣ୍ଡିରୁ ଧାନ ଉଠୁନି, ଗର୍ଜିଲେ ଚାଷୀ

ବରଗଡ଼ ଅଫିସ୍,୨୫।୧୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶନିବାର ମାସେ ପୂରିଛି। ମାତ୍ର ଧାନ କିଣାବିକାରେ ନାନା ଅବ୍ୟବସ୍ଥା ଲାଗି ରହିଛି। ମିଲର୍ସଙ୍କ ମର୍ଜିରେ ମଣ୍ଡି ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ମଣ୍ଡିକୁ ଚାଷୀମାନେ ଧାନ ଆଣୁଥିଲେ ସୁଦ୍ଧା ତାହା ଉଠୁନାହିଁ। ଫଳରେ ଜିଲାର ବିଭିନ୍ନ ମଣ୍ଡିର ଖୋଲା ଆକାଶ ତଳେ ଲକ୍ଷାଧିକ ବସ୍ତା ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ମଣ୍ଡିରେ ଏଭଳି ସ୍ଥିତି ଉପୁଜିଛି। ଏହାର ପ୍ରତିବାଦରେ ଗାଇସୀମା ଅଞ୍ଚଳର ଚାଷୀମାନେ ଶନିବାର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଫେରାଦ ହୋଇଥିଲେ। ମଣ୍ଡିରେ ପଡ଼ିରହିଥିବା ଧାନକୁ ଉଠା ନ ଗଲେ


ଧାନ ଉଠାଣ ନେଇ ଚାଷୀ, ବିଭାଗୀୟ ଅଧିକାରୀଙ୍କ ବୈଠକ।

ତାଙ୍କ କାର୍ଯ୍ୟାଳୟରୁ ଯିବେ ନାହିଁ ବୋଲି ଚାଷୀମାନେ ଅଡ଼ି ବସିଥିଲେ। ପରେ ଯୋଗାଣ ବିଭାଗର ଅଧିକାରୀମାନେ ଗାଇସୀମା ମଣ୍ଡିକୁ ପହଞ୍ଚିଥିଲେ ଏବଂ ଧାନ ଉଠାଣ ଆରମ୍ଭ ହେବା ପରେ ଚାଷୀମାନେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଛାଡ଼ିଥିଲେ।

ପ୍ରକାଶ ଯେ, ନଭେମ୍ବର ୨୫ରୁ ଜିଲାର ଅତାବିରା, ଭେଡ଼େନ ବ୍ଲକରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ଅନ୍ୟ ବ୍ଲକ ଗୁଡ଼ିକରେ ଧାନ କିଣାବିକା ଚାଲିଥିଲା। ଏହି କ୍ରମରେ ଗାଇସୀମା ମଣ୍ଡି ଖୋଲିଥିଲା ଏବଂ ଅଞ୍ଚଳର ଚାଷୀମାନେ ମଣ୍ଡିକୁ ଧାନ ଆଣିଥିଲେ। ମଣ୍ଡିରେ ବିକ୍ରି ପାଇଁ ଧାନ ସଂଗ୍ରହ ହେଉଥିଲେ ସୁଦ୍ଧା ମିଲର୍ସଙ୍କ ଦେଖା ନ ଥିଲା। ଫଳରେ ଶନିବାର ସୁଦ୍ଧା ପ୍ରାୟ ୩ହଜାର ପ୍ୟାକେଟ୍ ଧାନ ମଣ୍ଡିରେ ପଡ଼ିରହିଥିଲା। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ସରୋଜ ପ୍ରଧାନ, ନିରଞ୍ଜନ ପ୍ରଧାନ, ଋଷଭ ମହାପାତ୍ର, ପୂର୍ଣ୍ଣ ବିଶ୍ୱାଳଙ୍କ ସମେତ ଅନେକ ଚାଷୀ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାୟକୁ ପହଞ୍ଚି ଧାନ ଉଠାଣ ଦାବି କରିଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଯୋଗାଣ ଅଧିକାରୀ ଏବଂ ମିଲର୍ସଙ୍କ ୨ଟି ଟ୍ରକ୍ ମଣ୍ଡିକୁ ଆସି ଧାନ ଉଠାଣ ଆରମ୍ଭ କରିଥିଲା। ସମୁଦାୟ ଧାନ ମଣ୍ଡିରୁ ଉଠା ନ ଗଲେ ଚାଷୀମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସତ୍କାର କରିଥିଲା, ଏବେ ଶୁଦ୍ଧିକ୍ରିୟା କଲା ପୋଲିସ

କଣ୍ଟାବାଞ୍ଜି, ୨୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପୋଲିସ ଗତ ସପ୍ତାହରେ ଜଣେ ଅସହାୟ ବୃଦ୍ଧାଙ୍କ ସତ୍କାର କରିଥିଲା। ଏହାର ଦଶଦିନ ପରେ ଶନିବାର କଣ୍ଟାବାଞ୍ଜି ଥାନା ପରିସରରେ ଶୁଦ୍ଧିକ୍ରିୟା ଆୟୋଜନ କରିଥିଲା ପୋଲିସ। ଏଥିରେ ସହରର ଶତାଧିକ ଅସହାୟ, ବୃଦ୍ଧାବୃଦ୍ଧ ଓ ସାଧାରଣ ଲୋକେ ଗଙ୍ଗା ଭୋଜିରେ ସାମିଲ ହୋଇଥିଲେ। ଏସ୍‌ଡିପିଓ ହୃଷିକେଶ ମେହେର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉପସ୍ଥିତ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥଇଲେ। ଆଇଆଇସି ସତ୍ୟଜିତ କନ୍ଦନକେଲଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିବାରୁ ସାଧାରଣରେ ପ୍ରଶଂଶା କରାଯାଇଛି।

## ଆଲୋକିତ ହେଲା ମହାନଦୀ ସେତୁ


ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

ସୋନପୁର,୨୫।୧୨(ନି.ପ୍ର.)

ସୋନପୁର-ବୀରମହାରାଜପୁର ଉପଖଣ୍ଡକୁ ସଂଯୋଗ କରୁଥିବା ମହାନଦୀ ସେତୁ ଶନିବାରଠାରୁ ଆଲୋକିତ ହୋଇଛି। ୧୬୫୦ ମିଟର ଲମ୍ବ ବିଶିଷ୍ଟ ଏହି ସେତୁର ଉଭୟ ପାର୍ଶ୍ୱରେ ମୋଟ ୮୪ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଛି। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ତଥା ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଅତିଥିଭାବେ ଯୋଗଦେଇ ସେତୁ ଆଲୋକୀକରଣ ଯୋଜନାର ଶୁଭାରମ୍ଭ କରିଥିଲେ। ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡରୁ ୨୦ଲକ୍ଷ ଓ ଉଭୟ ବିଧାୟକ ନିଜ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଲେଖାଏ ସେତୁ ଆଲୋକୀକରଣ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍ ଯୋଗଦାନ କରିଥିଲେ। ଏହି ସେତୁ ସବୁବେଳେ ଅନ୍ଧାର ରହୁଥିବାରୁ ଆଲୋକୀକରଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଦାବି ପୂରଣ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ପରେ ଉଲୁଣ୍ଡା ବ୍ଲକ ହିକୁଡ଼ିସ୍ଥିତ ମହାନଦୀ କୂଳରେ କାଫେ ଷ୍ଟଲକୁ ଦୁଇ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପିଡି ଡିଆରଡିଏ ଡୋଳାମଣି ପଟେଲ, ଉଲୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ମିତାଲି ମହାକୁର, ବିଡିଓ ହେମସାଗର ଭୋଇ, ମୁଣ୍ଡୋଘାଟ ସରପଞ୍ଚ ରଞ୍ଜିତା ଭୋଇ, ମିଶନ ଶକ୍ତି ଡିପିସି କାର୍ତ୍ତିକ ନାୟକ, ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଓ ମହିଳା ଏସଏଚଜିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧାନମଣ୍ଡିରେ ଚଢ଼ାଉ, ୩୧୦ ବସ୍ତାଧାନ ଜବତ

ସିନାପାଲି,୨୫।୧୨(ଡି.ଏନ.ଏ)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଧାନ ମଣ୍ଡିରେ ବେଆଇନ ଭାବେ ରଖିଥିବା ୩୧୦ ବସ୍ତା ଧାନ ବିଭାଗୀୟ ଅଧିକାରୀ ଚଢ଼ାଉ କରି ଜବତ କରିଥିବା ଜଣାପଡିଛି। ସିଙ୍ଗଝର ମଣ୍ଡିରେ ଧାନକିଣାରେ ଅନିୟମିତତା ନେଇ ପ୍ରକୃତ ଚାଷୀଙ୍କ ଅଭିଯୋଗ କ୍ରମେ ବେଆଇନ ଭାବେ ରଖିଥିବା ଧାନ ଉପରେ ଚଢ଼ାଉ କରି ୧୩୨ ବସ୍ତାଧାନ ଜବତ କରାଯାଇଛି। ଉକ୍ତ ଧାନ କାହାର ତାହା ଜଣାପଡି ନାହିଁ। ସେହିପରି ଗଣ୍ଡାବାହାଲି




ସ୍ପଷ୍ଟ ହୋଇପାରିନାହିଁ। ଏହିପରି ଭାବେ ସର୍ବମୋଟ ୩୧୦ ବସ୍ତାଧାନ ଜବତ କରିଥିବା ଜଣାପଡ଼ିଛି। ସିନାପାଲି ଅନ୍ତର୍ଗତ କିଛି ଧାନମଣ୍ଡିରେ ଅନିୟମିତତା ହେଉଥିବା ଅଭିଯୋଗ ହେବା

ମଣ୍ଡି ଗମ୍ଭାରୀଗୁଡା ଠାରେ ମଧ ଚଢ଼ାଉ କରାଯାଇଥିଲା। ସେଠାରେ ୧୭୮ ବସ୍ତାଧାନ ଜବତ କରାଯାଇଛି। ଉକ୍ତ ଧାନ ମଧ କାହାର ଓ କିପରି ଆସିଲା ତାହା

ପରେ ଶନିବାର ସନ୍ଧ୍ୟାରେ ଚଢ଼ାଉ କରି ସିଙ୍ଗଝର ମଣ୍ଡିରେ ପଳସାପଡା ନିବାସୀ ଧବଳେଶ୍ୱର ସାଙ୍କର ୧୨୦ ବସ୍ତା ଧାନ ଜବତ କରାଯାଇଛି। ପୁଣି ୧୨ ବସ୍ତାଧାନ ମଧ ଜବତ କରାଯାଇଛି । ହେଲେ ଉକ୍ତ ୧୨ ବସ୍ତା କାହାର ତାହା ଜଣାପଡି ନାହିଁ। କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୂଆପଡା ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ସିନାପାଲି ତହସିଲଦାର ଲୋକନାଥ ଶବରଙ୍କ ସମେତ ସିନାପାଲି ଯୋଗାଣ ଅଧିକାରୀ ଅଲେଖ ମହିମା ଭୋଇ ଓ ବୋଡ଼େନ ତଥା ଖଡ଼ିଆଳ ଯୋଗାଣ ଅଧିକାରୀ ଦେବରାଜ ଭୋଇ ପ୍ରମୁଖ ସାମିଲ ଥିଲେ।

## ଆଞ୍ଚଳିକ ଖେଳ ଖବର

### ଛିନ୍ଦେଇକେଲା କ୍ରିକେଟ: ନୂଆପଡ଼ାକୁ ହରାଇ ସେମିରେ କଣ୍ଟାବାଞ୍ଜି

ପାଇକମାଳ,୨୫।୧୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ସହଦେବ ମେମୋରିଆଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କଣ୍ଟାବାଞ୍ଜି ଦଳ ନୂଆପଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସନ୍ତୋଷ ସାହୁ ଅତିଥି ଭାବେ ଯୋଗ ଖେଳକୁ ଉଦ୍‌ଘାଟନ କରିଥିଲେ। କଣ୍ଟାବାଞ୍ଜି ଓ ନୂଆପଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ନୂଆପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୫୪ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ନିଜାମ ଖାଁ ଓ ଗୌରବ ରାଉତ ୩୨ ରନ ଓ ବାଲେଶ୍ୱର ମାଝୀ ୨୧ ରନ ସଂଗ୍ରହ କରିଥିଲେ। ଜବାବରେ କଣ୍ଟାବାଞ୍ଜି ଦଳ ଆବଶ୍ୟକ ରନ ସଂଗ୍ରହ କରି ୪ ଉଇକେଟରେ ବିଜୟୀ ହୋଇଥିଲା। ଅମ୍ପାୟାର ମୁହେଶ ମୁନସି ଓ ଚୂଡାମଣି ପାଢୀ ଖେଳ ପରିଚାଳନା କରିଥିଲେ। ପତିତପାବନ ସାହୁଙ୍କ ପରିଚାଳିତ ପୁରସ୍କାର ବିତରଣୀ ଉତ୍ସବରେ ଡା. ରୁଦ୍ରମଣି ବେହେରା ଅତିଥି ଭାବେ ଯୋଗଦେଇ କଣ୍ଟାବାଞ୍ଜି ଦଳର ଯଶୋବନ୍ତ କୁମାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ରବିବାର ବଲାଙ୍ଗୀର ଓ କଣ୍ଟାବାଞ୍ଜି ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।



କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

### ଫରେଷ୍ଟ କ୍ଲବ ଛତିଶଗଡ଼ ଫାଇନାଲରେ

ଅମରପାଲି,୨୫।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପର ପ୍ରଥମ ସେମି ଫାଇନାଲରେ ଆରସିସି କଟକକୁ ହରାଇ ଫରେଷ୍ଟ କ୍ରିକେଟ କ୍ଲବ ଛତିଶଗଡ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ଛତିଶଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳର ଯଶାଙ୍କ ୩୯ ଓ ଶଶାଙ୍କ ଚନ୍ଦ୍ରକର ୩୪ ରନ କରିଥିଲେ। ବିପକ୍ଷ ଦଳର ପ୍ରଦୀପ ଦାଶ ୩ଟି ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ରନ କରିଥିଲା। ଦଳର ପ୍ରଦୀପ ଦାଶ ୫୭ରନ କରିଥିଲେ। ଛତିଶଗଡର ପ୍ରତୀକ ତ୍ରିପାଠୀ ଓ ପରମେଶ୍ୱର ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଦ୍ୱିତୀୟ ଫର୍ମାଟରେ ଛତିଶଗଡ ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ହରାଇ ୧୩୮ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୨୬ବଲରୁ ୧୦ଟି ଛକା ଓ ୨ଟି ଚୌକା ସହିତ ୭୭ରନ କରିଥିଲେ। ବିପକ୍ଷ ବିର ପ୍ରତାପ ସାମଲ ୨ଟି ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୧୦ ଓଭରରେ ୬ ଉଇକେଟ ବିନିମୟରେ ୮୭ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ ୨-୦ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁର୍ଷୁଣ୍ଡୀ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ, ସମ୍ବଲପୁର ଟେଲିକମ ବିଭାଗ ଯନ୍ତ୍ରୀ ଇଂ.ବଭ୍ରୁବାହାନ ପ୍ରଧାନ, ବ୍ୟବସାୟୀ କୃତିବାସ ମିଶ୍ର, ବହଲପଦର ପ୍ୟାକ୍ସ ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଶ୍ୟାମସୁନ୍ଦର ନନ୍ଦ ଓ କ୍ରୀଡାବିତ ସୌମ୍ୟରଞ୍ଜନ ରଥ ଅତିଥିଭାବେ ଯୋଗଦେଇ ଛତିଶଗଡର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ।



ଛତିଶଗଡର ଶଶାଙ୍କ ଚନ୍ଦ୍ରକରଙ୍କୁ ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରୁଛନ୍ତି।

**ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ**

### ଜିଲାସ୍ତରୀୟ ବକ୍ସିଂ ତାଲିମ ଶିବିର

ଅମରପାଲି, ୨୫।୧୨(ଡି.ଏନ.ଏ.)

**ଅଂଶଗ୍ରହଣ କଲେ ୪୦ଛାତ୍ରୀଛାତ୍ର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମେଲଣ ପଡିଆରେ ଜିଲାସ୍ତରୀୟ ଦୁଇଦିନିଆ ବକ୍ସିଂ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଜିଲା ବକ୍ସିଂ ଆସୋସିଏସଶନ ସଭାପତି ରାମକୁମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀମାନେ ରାଜ୍ୟ ତଥା ଦେଶପାଇଁ ସୁନାମ ଆଣିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୁଗଳ କିଶୋର ମିଶ୍ର, ଅଧାପକ କିଶୋର କୁମାର ସାହୁ, ବାଗବର ସରପଞ୍ଚ ବ୍ୟମୋକେଶ ପଣ୍ଡା ଓ ଭାରତୀୟ ସେନା ବାହିନୀର ପୂର୍ବତନ କୋଚ ମସୁଦ ଆଲାମ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଶିକ୍ଷକ ଗିରିଜା ଶଙ୍କର ପଣ୍ଡା। ଏହାପରେ ଦୁଇଦିନିଆ ବକ୍ସିଂ ତାଲିମ ଶିବିରରେ ମସୁଦ ଆଲାମ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ୪୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି।

### ନୀଳଚକ୍ର ଫୁଟବଲ: ଖୋଲାନ ଚାମ୍ପିୟନ

ଟିଟିଲାଗଡ଼,୨୫।୧୨(ଡି.ଏନ.ଏ)

ଟିଟିଲାଗଡ ବ୍ଲକ କୁର୍ଣ୍ଣୁଠାରେ ଚାଲିଥିବା ନୀଳଚକ୍ର ଫୁଟବଲ ରୌପ୍ୟ ଜୟନ୍ତୀ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଖୋଲାନ ଦଳ ୧-୦ଗୋଲରେ ବୋର୍ଡାକୁ ହରାଇ ଚାମ୍ପିୟନ ହୋଇଛି। ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ଉପଦେଷ୍ଟା ଦୟାରାମ ଅଗ୍ରୱାଲ ମୁଖ୍ୟ ଅତିଥି, ସଂଘର ବ୍ଲକ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ସଞ୍ଜୀବ ସାହୁ, ଗୋବିନ୍ଦ ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ବିଶାଲ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ସୋନି, ବେଷ୍ଟ ଗୋଲ ରକ୍ଷକ ଗୁଡୁଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସଭାପତି ସୁବ୍ରତ ନାଏକ, ଉପସଭାପତି ଦେବାଶିଷ ନାଏକ, ସମ୍ପାଦକ ସ୍ୱାଗତ ବେହେରା, ଯୁଗ୍ମ ସମ୍ପାଦକ ପିଣ୍ଟୁସିଂ ଭୋଇ, କୋଷାଧକ୍ଷ ରାଜା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

### ଫାଇନାଲରେ ବିନ୍ଦାସ ୧୧ କର୍ଲାକୋଟ ଦଳ ଚାମ୍ପିୟନ

କୋକସରା,୨୫।୧୨(ଡି.ଏନ.ଏ.)

**ଅଲ୍ ଓଡିଶା ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ**

ମା' ବସୁନ୍ଧରି ଯୁବ ଅନୁଷ୍ଠାନ ପକ୍ଷରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ଡଙ୍ଗରିଗୁଡା ଖେଳପଡିଆରେ ଅଲ୍ ଓଡିଶା ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଭାଜପା ନେତା ତଥା ସମାଜସେବୀ ଜନାର୍ଦ୍ଦନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୁବ ଉଦ୍ୟୋଗପତି ବିକ୍ରମ କୁମାର ଗୁପ୍ତା, ଭରତ କୁମାର ଗୁପ୍ତା, ସାମାଜିକ କର୍ମୀ ଯଶୋବନ୍ତ ନାଏକ, ଏସ.ଟି ସେଲ ସଭାପତି ଅନିରୁଦ୍ଧ ପାତ୍ର, ଖରିଆର ତହସିଲଦାର ସିନ୍ଧୁସୁତା ପାତ୍ର, ପୂର୍ବତନ ମହିଳା ସରପଞ୍ଚ ପଦ୍ମିନୀ ପାତ୍ର, ଜିଲା ଅନୁସୂଚିତ ଜନଜାତି ସଭାପତି ତଥା ମୋଟେର ସରପଞ୍ଚ ଇଂ. ସୁଶିଲ କୁମାର ଶବର ଯୋଗଦେଇ ଫାଇନାଲ ଖେଳର ଉଭୟ ଦଳ ଖେଳାଳିଙ୍କ ସହ ପରିଚୟ ପର୍ବରେ ସାମିଲ ହୋଇ ଉତ୍ସାହିତ କରିଥିଲେ। ଫାଇନାଲ ଟୁର୍ନାମେଣ୍ଟରେ ଖାରକୁଣ୍ଡାମାଲ ବନାମ ବିନ୍ଦାସ ୧୧ କର୍ଲାକୋଟ ଦଳ ମଧ୍ୟରେ ଚିତ୍ତାକର୍ଷକ ଖେଳ ଦେଖିବାକୁ ମିଳିଥିଲା। ଖାରକୁଣ୍ଡାମାଲ ଦଳକୁ ୧-୦ ଗୋଲରେ ବିନ୍ଦାସ ୧୧ କର୍ଲାକୋଟ ଦଳ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ଖେଳ ଶିକ୍ଷକ ନିର୍ମଳ ଦଣ୍ଡସେନା, ଅମିତ କୁମାର ମହାନ୍ତି, ବୁଲୁ ବେହେରା ପରିଚାଳନା କରିଥିଲେ। ଖେଳର ଧାରା ବିବରଣୀ ସୁନିଲ ଦାସ, ବାବୁଲାଲ ଶବର ପ୍ରଦାନ କରିଥିଲେ। ବିଜେତା ବିନ୍ଦାସ ୧୧ କର୍ଲାକୋଟ ଦଳକୁ ୨୦ ହଜାର ଓ ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ସହ ଉପସ୍ଥିତ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ମା' ବସୁନ୍ଧରି ଯୁବକ ଅନୁଷ୍ଠାନ ପକ୍ଷରୁ ସଭାପତି ହୁକମି ପାତ୍ର, କୃପାସିନ୍ଧୁ ପାତ୍ର, କେତନ ପାତ୍ର, ସୁବାସ ଚନ୍ଦ୍ର କେତକୀ, କେଦାର ନାଥ ମାଝୀ, ହେମନ୍ତ ନାଏକ, ହୀରାଲାଲ ସରାଫ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଅତିଥିମାନଙ୍କ ସହ ଖେଳାଳିମାନେ।

### ଜୁନାଗଡ଼ ଆଇନଜୀବୀ ସଂଘ ଚାମ୍ପିୟନ

ଭବାନୀପାଟଣା,୨୫।୧୨(ସ୍ୱ.ପ୍ର.)

**ଟି୨୦ କ୍ରିକେଟ ଟୁର୍ନାମେଣ୍ଟ**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମ୍‌ଠାରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଗତ ୧୯ ତାରିଖରୁ ଚାଲିଥିବା ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ତଥା ଉଦ୍‌ଯାପନୀ ମ୍ୟାଚ ଜୁନାଗଡ ଆଇନଜୀବୀ ସଂଘ ଓ ଭବାନୀପାଟଣା ଆଇନଜୀବୀ ସଂଘ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ଆଇନଜୀବୀ ସଂଘ ଭବାନୀପାଟଣା ଆଇନଜୀବୀ ସଂଘକୁ ୧୮ ରନ୍‌ରେ ପରାସ୍ତ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଜୁନାଗଡ ଆଇନଜୀବୀ ସଂଘ ପ୍ରଥମେ ଟସ୍ ଜିଣି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭବାନୀପାଟଣା ଆଇନଜୀବୀ ସଂଘ ୨୦ ଓଭରରେ ୬ ଉଇକେଟ ହରାଇ ୧୨୯ ରନ୍ ସଂଗ୍ରହ କରିଥିଲା। ଫାଇନାଲ ଖେଳକୁ ଚନ୍ଦୁ ସାହାଣୀ ଓ ରମେଶ ସାହୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ମ୍ୟାନ ଅଫ୍ ଦ ସିରିଜ ଭାବେ ଜୁନାଗଡ ଆଇନଜୀବୀ ସଂଘର ହିମାଂଶୁ ଶେଖର ବରାଡ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ କଳାହାଣ୍ଡି ଏସ୍‌ପି ଶ୍ରବଣ ବିବେକ ଏମ୍, ଜିଲା ଆଇନଜୀବୀ ସଂଘ ସଭାପତି ବଟକୃଷ୍ଣ ଆଚାର୍ଯ୍ୟ, ପିପି ଭବାନୀ ମିଶ୍ର, ଆସୋସିଏଟ୍ ପିପି ଜିତେନ୍ଦ୍ର ମହାନ୍ତି, ଜୁନାଗଡର ମହିଳା ଆଇନଜୀବୀ ରଶ୍ମିଲତା ପାଢୀ, ଜୁଲିରାଣୀ ନାୟକ, ମମତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଆଇନଜୀବୀ ସଂଘ ଉପସଭାପତି ନିମାଞ୍ଚଳ ନାଏକ ମଞ୍ଚ ପରିଚାଳନା କରିଥିଲେ। ଜୁନାଗଡ ଆଇନଜୀବୀ ସଂଘର କ୍ୟାପଟେନ୍ ଦୀପନ ସାହୁ, କୋଚ୍ ନୀଳକଣ୍ଠ ମିଶ୍ର, ସହକାରୀ କୋଚ୍ କୈଳାଶ ଚୌଧୁରୀ, ଟିମ୍ ମ୍ୟାନେଜର ବାଳକୃଷ୍ଣ ଆଚାରୀ, ସହକାରୀ ଟିମ୍ ମ୍ୟାନେଜର ଅଶୋକ ପାତ୍ର, ଦିଗାମ୍ବର ନାଏକ, ପ୍ରମୋଦ ପୁଝାରୀ, ସତିଶ ପ୍ରଧାନ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପକ୍ଷରେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଅତିଥି ଭାବେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ପଡିଆରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।


ଚାମ୍ପିୟନ ଦଳ ସହ କଳାହାଣ୍ଡି ଏସ୍‌ପି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ନୂଆପଡ଼ା ଅଫିସ୍: ନୂଆପଡା ସଦର ଥାନା ସାଇପଲା ବସଷ୍ଟାଣ୍ଡ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଆରୋହୀ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଜଣେ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ମତେ ମୃତ ବାଇକ ଆରୋହୀ ଜଣକ ଜଣେ କପଡା ବ୍ୟବସାୟୀ। ସେ କପଡା ବ୍ୟବସାୟ ଉଦ୍ଦେଶ୍ୟରେ ନୂଆପଡ଼ାରୁ ପଦ୍ମପୁରକୁ ବାଇକ୍ ଯୋଗେ ଯାଉଥିଲେ। ସାଇପଲା ବସଷ୍ଟାଣ୍ଡ ନିକଟରେ ପଦ୍ମପୁର ପଟୁ ଏକ ବାଇକ ଦ୍ରୁତଗତିରେ ଆସି ତାଙ୍କ ବାଇକ୍ ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତ ବାଇକ୍ ଆରୋହୀ ଜଣଙ୍କ ନାମ ମହର ଅଲ୍ଲୀ। ଘର ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣା ଜିଲା ସଦରପଡା ଗ୍ରାମରେ।

# ଟଣ୍ଟିଟିପି ହତ୍ୟା ପରେ ନଦୀରେ ଫିଙ୍ଗିଥିଲେ ମୃତଦେହ

**ବଲାଙ୍ଗୀର ଅଫିସ, ୨୫।୧୨**

ଗରିବ ପାଣ୍ଡେ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୩ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସହର ତେଲିଗୋଠପଡାର ଇଦୁଲ୍ ଖାନ୍ ଓରଫ୍ ଛୋଟୁ (୧୯), ସାଲେପାଲି ନିବାସୀ ସିଦ୍ଧାନ୍ତ ସେଠ୍ (୨୦) ଓ ସୁଦିନ୍ ଜାନୀ ଓରଫ୍ ସିଣ୍ଟୁ (୨୫)। ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ୍ ବାଗ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୧୫ ତାରିଖ ଅପରାହ୍ଣରେ ତୁଷରା–ଧାନଘରା ନିକଟ ତେଲନଦୀ ପାଣିରେ ଏକ ଅପରିଚିତ ଯୁବକଙ୍କ ମୃତଦେହ ଭାସୁଥିବା ଖବର ତୁଷରା ପୋଲିସକୁ ମିଳିଥିଲା। ଉକ୍ତ ଭାସମାନ ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ଘଟଣା ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (୧୬/୨୧) ରୁଜୁ କରାଯାଇଥିଲା। ତଦନ୍ତ ସମୟରେ ସମ୍ପୃକ୍ତ ମୃତଦେହ ବଲାଙ୍ଗୀର ସହରର



ଗରିବା ପାଣ୍ଡେ ହତ୍ୟା ଘଟଣାରେ ଗିରଫ ତିନି ଅଭିଯୁକ୍ତଙ୍କ ସମ୍ପର୍କରେ ଏସଡିପିଓ ତୋଫାନ୍ ବାଗ ସୂଚନା ଦେଉଛନ୍ତି।

**ଗରିବ ପାଣ୍ଡେ ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ୩ ଗିରଫ**

- ଅଟୋରିକ୍ସା, ୨ ବାଇକ୍ ଜବତ୍
- ତଣ୍ଟି ଚିପିବାରେ ବ୍ୟବହୃତ ଧୋତି ଜବତ

ଇନ୍ଦିରାନଗର ନିବାସୀ ଗରିବ ପାଣ୍ଡେଙ୍କ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ଏହାସହିତ ଗରିବଙ୍କୁ କେହି ହତ୍ୟା କରିବା ପରେ ତେଲନଦୀରେ ଫିଙ୍ଗି ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତୁଷରା ଥାନାରେ ଏକ ମାମଲା (୧୮୩/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ପରେ ଉପରୋକ୍ତ ତିନି ଅଭିଯୁକ୍ତ ଓ ଗରିବ ପାଣ୍ଡେ ଖୁଜେନ୍‌ପାଲି ଯୋର ନିକଟରେ ଥିବାବେଳେ କୌଣସି କଥାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏହାପରେ ଉପରୋକ୍ତ ତିନି ଅଭିଯୁକ୍ତ ମିଶି ନିକଟରେ ପଡିଥିବା ଏକ ଧଳାଧୋତିରେ ଗରିବଙ୍କ ବେକକୁ ଚିପି ମାରି ଦେଇଥିଲେ। ସେଠାରୁ ଏକ ଅଟୋରିକ୍ସା ଆଣି ଉକ୍ତ ମୃତଦେହକୁ ନେଇ ତେଲନଦୀରେ ଫିଙ୍ଗି ଦେଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ସେମାନେ ହତ୍ୟାକାଣ୍ଡକୁ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ମୃତଦେହ ବୋହି ନେଇଥିବା ଅଟୋରିକ୍ସା (ଓଡି଼୦୩କେ୪୩୫୨), ଦୁଇଟି ବାଇକ(ଓଡି଼୦୩ସି୩୮୮୩ ଓ ଓଡି଼୦୩କ୍ୟୁ୬୮୯୨), ତଣ୍ଟି ଚିପିଥିବା ଧୋତି ଓ ୪ଟି ମୋବାଇଲ ଜବତ କରିଛି। ଗିରଫ ତିନି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କୋଚ୍ ଶିବ ପ୍ରସାଦ ସ୍ମାରକୀ ଫୁଟବଲ: ୟୁଥ କ୍ଲବ ବିଜୟୀ

**ବଲାଙ୍ଗୀର ଅଫିସ,୨୫।୧୨:** ବଲାଙ୍ଗୀର ନିକଟ ଖଲିଆପାଲି ଆମ୍ବେଦକର ଷ୍ଟାଡିୟମଠାରେ ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଓ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗୀର ପୁରାତନ ଓ ବର୍ତ୍ତମାନ ଛାତ୍ରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କୋଚ୍ ଶିବପ୍ରସାଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ପ୍ରଥମ ମ୍ୟାଚରେ ଖଲିଆପାଲି ଦଳ ଟାଇବ୍ରେକର ୩-୦ ଗୋଲରେ ଅମାମୁଣ୍ଡା ଦଳକୁ ହରାଇ ବିଜୟୀ ହୋଇଥିଲା। ଅତିଥିଭାବେ ସଦର ବ୍ଲକ ଅଧକ୍ଷ ଗୋଲାପ ବାଗ ଯୋଗଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ୟୁଥ କ୍ଲବ ବଲାଙ୍ଗୀର ଦଳ ୨-୧ ଗୋଲରେ ଖଲିଆପାଲି ଦଳକୁ ହରାଇ ସେମିଫାଇନାଲକୁ ଉନ୍ନତି ହୋଇଛି। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ କ୍ରୀଡାବିତ ମନୋଜ କୁମାର ମିଶ୍ର,ଗୋପାନନ୍ଦ ଧରୁଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ବୃଦ୍ଧଙ୍କ ମୃତଦେହ ଜବତ

**ଜୁନାଗଡ,୨୫।୧୨(ଡି.ଏନ୍.ଏ): କଳାହାଣ୍ଡି** ଜିଲା ଜୁନାଗଡ ସହର ନିକଟସ୍ଥ ବନଜାରୀ ମନ୍ଦିର ପାଖ ଅଞ୍ଚଳରୁ ଶନିବାର ସକାଳେ ପୋଲିସ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତ ବୃଦ୍ଧଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ମଧ ଜଣାପଡିନାହିଁ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଡାକ୍ତରଖାନା ପଠାଇଥିଲା।

### ଟ୍ରକ୍ ଧକ୍କାରେ ପୂର୍ବତନ ଏବିଇଓ ଗୁରୁତର

**ଜୁନାଗଡ,୨୫।୧୨(ଡି.ଏନ୍.ଏ): କଳାହାଣ୍ଡି** ଜିଲା ଜୁନାଗଡ ସହର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ଏକ ଟ୍ରକ ଧକ୍କାରେ ଜୁନାଗଡ ଶିକ୍ଷା ବିଭାଗର ପୂର୍ବତନ ଏବିଇଓ ତୁଳସୀ ମେହେର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜୁନାଗଡ ଡାକ୍ତରଖାନା ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଅଟକ ରଖିଛି।

### ଭାଜପା ପାଳିଲା ସୁଶାସନ ଦିବସ

**ପାଇକମାଳ/ଅମରପାଲି/ କୋକସରା,୨୫।୧୨(ଡି.ଏନ.ଏ):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜୟନ୍ତୀ ଓ ସୁଶାସନ ଦିବସ ପାଇକମାଳ ନୃସିଂହନାଥ ଆଇଓସିଏଲ ଅତିଥି ଭବନରେ ପାଳିତ ହୋଇଛି। ଏଥିରେ ପାଇକମାଳ ଭାଜପା ମଣ୍ଡଳ ସଭାପତି କୈଳାସ ଦିଶ୍ରୀ ସଭାପତିତ୍ୱ କରିଥିଲେ। ବାଜପେୟୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଏମ୍‌ପି ପ୍ରତିନିଧି ବଳରାମ ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ପୁରୁଷୋତ୍ତମ ନାଏକ, ମହିଳା ମୋର୍ଚ୍ଚା ଜିଲା ଉପ ସଭାନେତ୍ରୀ ସୁବାଷିନୀ ପ୍ରଧାନ, ବାଜୁବନ ନାୟକ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଳସେଚନ ଡାକ ବଙ୍ଗଳାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ ଜନ୍ମଦିନକୁ ଶନିବାର ସ୍ଥାନୀୟ ଭାଜପା ସୁଶାସନ ଦିବସ ଭାବେ ପାଳନ କରିଛି। କିଶୋର ହୋତାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଉପସଭାନେତ୍ରୀ ନଳିନୀ ପଣ୍ଡା, ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ଶରତ ମିଶ୍ର ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଶିବ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପାୟୀଙ୍କ ଜୟନ୍ତୀ କୋକସରା ବ୍ଲକ ଭାଜପା ପକ୍ଷରୁ ଆମପାଣି ମଣ୍ଡଳ ସିୟୁନି ଗ୍ରାମ ଭୈରବ ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଦଳୀୟ କର୍ମକର୍ତ୍ତାମାନେ ଅଟଳ ବିହାରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରି ଦେଶ ପ୍ରତି ଥିବା ବଳିଦାନକୁ ମନେ ପକାଇଥିଲେ। ଏହି ଅବସରରେ ଜିଲା ଭାଜପା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ମଣ୍ଡଳ ସଭାପତି ଅର୍ଜୁନ ଭାଟି ସଭାପତିତ୍ୱ କରିଥିଲେ। ସମ୍ପାଦକ ମଧୁବନ ପାତ୍ର, ଆମପାଣି ମଣ୍ଡଳ ଉପ ସଭାପତି ଚକ୍ରଧର ବେଶ୍ରା, ଗରୁଡଧ୍ୱଜ ମାଝୀ, ଉପସ୍ଥିତ ରହିଥିଲେ।

## ସୁବିଧା କେନ୍ଦ୍ର, ପିଇଓ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲୋଇସିଂହା,୨୫।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ପରିସରରେ ନବନିର୍ମିତ ସୁବିଧା କେନ୍ଦ୍ର ଓ ପିଇଓ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଶୈଳଶୁତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପରେ ସ୍ଥାନୀୟ ପଞ୍ଚାୟତ ନୋଡାଲ ହାଇସ୍କୁଲକୁ ଯାଇ ସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ଶିଳାନ୍ୟାସ କରିଥିଲେ। ଏହାବ୍ୟତୀତ ଶିଶୁପାଇଁ ଦିନଟିଏ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମରେ ସାମିଲ ହୋଇ ଝିଅଙ୍କୁ ୨୧ ବର୍ଷ ପୂର୍ବରୁ ବିବାହ ନ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ ଅତିଥି। ଶିଶୁ ଶ୍ରମିକ, ନିର୍ଯାତନା ରୋକିବା ଏବଂ ଅବହେଳିତ ଶିଶୁଙ୍କ ପାଇଁ ଟୋଲ ଫ୍ରି ନମ୍ବରରେ ଜଣାଇବାକୁ ଆହ୍ୱାନ ଦେଇଥିଲେ। ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୩ ଝିଅପୁଅଙ୍କୁ ହତ୍ୟା ଘଟଣା: ମା' ନିର୍ଦ୍ଦୋଷରେ ଖଲାସ

**ନୂଆପଡ଼ା ଅଫିସ୍,୨୫।୧୨**

ନିଜର ୩ ଝିଅପୁଅଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ମା'ଙ୍କୁ ଶୁକ୍ରବାର ନୂଆପଡ଼ା ଅତିରିକ୍ତ ଜିଲାଜଜ୍ ଅଭିଲାଷ ସେନାପତି ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୬ ଜୁଲାଇ ୧୯ରେ ପ୍ରାୟ ୯ଟାରେ ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ କେଶରାଜପୁର ଗାଁର ଲୋଚନୀ ମାଝି ନିଜର ୨ ପୁଅ ଓ ଝିଅଙ୍କୁ ଜମି ପାଖ କୂଅରେ ଠେଲିଦେଇ ପାଖ ଏକ ଗଛରେ ଚଢ଼ି ପୁଅଝିଅଙ୍କୁ ମାରିଦେଲି ବୋଲି କହି କାନ୍ଦି ଚିତ୍କାର କରୁଥିଲେ। ଗ୍ରାମବାସୀ ଓ ପରିବାର ଲୋକେ କୂଅ ପାଖକୁ ଆସି ୩ପିଲାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏନେଇ ପରିବାର ଲୋକେ ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲେ। ଲୋଚନୀଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲା। ସେହି ଦିନଠାରୁ ଲୋଚନୀ ଜେଲ ହାଜତରେ ଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ନୂଆପଡ଼ାର ଅଭିବକ୍ତା ବିଶ୍ୱମଣୀ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ। ମୋଟ ୧୫ ଜଣଙ୍କର ସାକ୍ଷ୍ୟପ୍ରମାଣ ଗ୍ରହଣ କରାଯାଇଥିଲା।

## ସଂସ୍କାର ସ୍କୁଲର ବାର୍ଷିକୋତ୍ସବ



ସଂସ୍କାର ସ୍କୁଲ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ବରଗଡ଼ ଅଫିସ୍,୨୫।୧୨**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ସପ୍ତମ ବାର୍ଷିକୋତ୍ସବ ବିଷ୍ଟାସ୍– ଏକ ପରିଦୃଶ୍ୟ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ସାୱଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ବବିତା ସାୱଡ଼ିଆ, ମମତା ଅଗ୍ରୱାଲ, ରେଖା ପଟ୍ଟନାୟକଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର ସାକ୍ଷୀ ଅଗ୍ରୱାଲ, ଆସ୍ଥା ଅଗ୍ରୱାଲ, ପଲକ ଖ୍ରିୱାଲ, ଶ୍ରୁତିଶ୍ରୀ ମହାରଣା, ଅନମୋଲ ଅଗ୍ରୱାଲ, ସୋନାକ୍ଷୀ ସ୍ୱରଞ୍ଜିନୀ, ପେହେଲ ଅଗ୍ରୱାଲ, ସାୟାରାମ ପାତ୍ର, ଅଦିତି ଅଗ୍ରୱାଲ, ନିଖିଲ ଅଗ୍ରୱାଲ, ଦୀପା ମାଝି ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସଂସ୍କାର ପ୍ରିମିୟର ଲିଗ୍‌ର ବିଜେତା ଏକାଦଶ ଶ୍ରେଣୀ, ରନର୍ସ ଅପ୍ ଦଶମ ଶ୍ରେଣୀ ଟିମ୍‌କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଷ୍ଟୁଡେଣ୍ଟ୍ସ ଅଫ ଦି ଇୟର ଭାବେ ଜୁନିୟର ବିଭାଗରେ ଅନନ୍ୟା ଅପରୂପା ମେହେର ଏବଂ ସିନିୟର ବିଭାଗରେ ସୃଷ୍ଟି ଅଗ୍ରୱାଲଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଲୋଇସିଂହା,୨୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଡିପିଓ ପ୍ରଜ୍ଞା ବାରିକ ଅଧ୍ୟକ୍ଷତା କରିଥିଲେ। ବିଡିଓ ରାମଚନ୍ଦ୍ର ଖାଡିଆ ଅତିଥିଭାବେ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଆଇନ ଅନୁଯାୟୀ ୨୧ବର୍ଷ ପୂର୍ବରୁ ଝିଅଙ୍କୁ ବିବାହ ନ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ଶିଶୁ ଶ୍ରମିକ ପ୍ରଥା ବିଲୋପ ଏବଂ ଶିଶୁଙ୍କ ଉପରେ ହେଉଥିବା ନିର୍ଯାତନ କିପରି ରୋକାଯାଇ ପାରିବ କହିଥିଲେ। ଶିଶୁଙ୍କ ଅଧିକାର ଯେପରି କ୍ଷୁର୍ଣ୍ଣ ନହେବ ସେ ଦିଗରେ ଅଙ୍ଗନବାଡି କର୍ମୀ ଓ ଜନସାଧାରଣ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସଭା ପରେ ମାନବଶୃଙ୍ଖଳ ଓ ପଥପ୍ରାନ୍ତ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଛାତ୍ରୀ ଏବଂ ଏସ୍ଏଚ୍‌ଜି ମହିଳା ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍

**ଲୋଇସିଂହା,୨୫।୧୨(ଡି.ଏନ.ଏ)**

ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଏବଂ ଖାରମୁଣ୍ଡା ଆଥଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଖାରମୁଣ୍ଡା ମିନିଷ୍ଟାୟମଠାରେ ଚାଲିଥିବା ବ୍ଲକସ୍ତରୀୟ ସ୍ପୋର୍ଟସ ମିଟ୍‌ର ଶନିବାର ଥିଲା ଦ୍ୱିତୀୟ ଦିବସ। ଭଲିବଲରେ ୩–୧ସେଟ୍‌ରେ ଖାରମୁଣ୍ଡାକୁ ହରାଇ କୁଟୁରାପାଲି ଫାଇନାଲରେ ପ୍ରବେଶ କରିଛି। ଫୁଟବଲରେ କୁଶଙ୍ଗକୁ ହରାଇ ଯୋଗୀସର୍ଡା ଏବଂ କୁଟୁରାପାଲିକୁ ହରାଇ ସରଗାଡ ଫାଇନାଲରେ ପହଞ୍ଚିଛି। ସରଗାଡ ଏବଂ ଯୋଗୀସର୍ଡା ମଧରେ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହେବ। ସାମ୍ବାଦିକ ସଂଘ ସଭାପତି ସରୋଜ ବିଶ୍ୱାଳ, ଅରବିନ୍ଦ ସାହୁ ଅତିଥିଭାବେ ଯୋଗଦେଇଥିଲେ।

## ବିଳମ୍ବିତ ଧାନକ୍ରୟ, ବଢ଼ୁଛି ଚାଷୀ ଅସନ୍ତୋଷ

**ଲୋଇସିଂହା,୨୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ପ୍ରାଥମିକ କୃଷି ସମବାୟ ସମିତିରେ ଡିସେମ୍ବର ୪ ତାରିଖରେ ଟୋକନ ପାଇଥିବା ଚାଷୀଙ୍କ ଧାନକ୍ରୟ କରାଯାଇଛି। ୨୦ଦିନର ପଛୁଆ ଧାନକ୍ରୟ ଚାଲିଥିବାରୁ ଅନେକ ଚାଷୀ ଟୋକନ ଲାପ୍ସ ଆଶଙ୍କା କରିଛନ୍ତି। ପ୍ୟାକ୍ସ ଅଧୀନ ମାଣ୍ଡିଆପଦର ଗାଁର ଚାଷୀ ଶାନ୍ତନୁ କୁମାର ବେହେରା ୪୨.୬୪ କୁଇଣ୍ଟାଲ ଧାନବିକ୍ରି ପାଇଁ ଡିସେମ୍ବର ୧୭ତାରିଖରେ ଟୋକନ ପାଇଥିଲେ। ଏ ନେଇ ତାଙ୍କ ମୋବାଇଲକୁ ମ୍ୟାସେଜ ଆସିଥିଲା। ହେଲେ ପିଛିଲାଭାବେ ଧାନକ୍ରୟ କରା ଯାଉ ଥିବାରୁ ସେ ମଣ୍ଡିରେ ଧାନ ବିକ୍ରି କରି ପାରି ନ ଥିବା କହିଛନ୍ତି। ଏବେ ସପ୍ତାହକ ମଧ୍ୟରେ ଧାନବିକ୍ରି ପାଇଁ ପୁଣି ଏକ ମ୍ୟାସେଜ ଆସିଛି। ସେ ପ୍ୟାକ୍ସକୁ ଆସି ପଚାରିବାରୁ ସିରିଏଲି ଧାନ କିଣାଯିବ ବୋଲି ପ୍ୟାକ୍ସ କର୍ମଚାରୀ କହିଥିଲେ। ସେହିପରି ଲୋଇସିଂହାର ସୁଶୀଲ ବର୍ଗର୍ତ୍ତଙ୍କୁ ୫୨କୁଇଣ୍ଟାଲ ଧାନ ବିକ୍ରି କରିବାକୁ ମ୍ୟାସେଜ ଆସିଛି। ହେଲେ ମଣ୍ଡିକୁ ଧାନ ଆଣିବାକୁ କହିବାକୁ ଗଲେ ମନା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଯୋଗୀସର୍ଡା ପ୍ୟାକ୍ସରେ ୩ କେଜିରୁ ଅଧିକ ଧାନ କଟନୀ ହେଉଥିବାରୁ ଚାଷୀ ମହଲରେ ଅସନ୍ତୋଷ ଜେତିବାରେ ଲାଗିଥିବା ଅନିରୁଦ୍ଧ ପଧାନ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲା ଧାନକ୍ରୟ କମିଟି ପକ୍ଷରୁ ନଭେମ୍ବର ୨୯ରୁ ଧାନକ୍ରୟ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ୟାକ୍ସ ଓ ମିଲର୍ସ ଏଗ୍ରିମେଣ୍ଟ ଏବଂ ଜରି ବସ୍ତାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଡିସେମ୍ବର ୧୫ରେ ବ୍ଲକରେ ଧାନକ୍ରୟ ଆରମ୍ଭ କରାଯାଇଥିଲା। ନିର୍ଦ୍ଧାରିତ ତାରିଖରେ ଧାନକିଣା ନ ଯିବାରୁ ବ୍ଲକରେ ଧାନକିଣା ପଛେଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ସର୍ବଭାରତୀୟସ୍ତରରେ ଗର୍ବିତ କଲେ କଳାହାଣ୍ଡି ପୁଅ

**ଭବାନୀପାଟଣା,୨୫।୧୨(ସ୍ୱ.ପ୍ର.)**

ପିଏମ ଯୁବା ମେଣ୍ଟରସିପ ଯୋଜନାରେ ମନୋନୀତ ହୋଇଛନ୍ତି କଳାହାଣ୍ଡିର ଉଦୀୟମାନ ଯୁବ ଲେଖକ ଡିଲେଶ୍ୱର ରଣା। ଏହି ଯୋଜନାରେ ଲେଖକ ରଣା ମାସିକ ୫୦ ହଜାର ଟଙ୍କା ଲେଖାଏ ୬ ମାସ ସର୍ବମୋଟ ତିନି ଲକ୍ଷ ଟଙ୍କା ପାଇବେ। ଏଥିସହ ତାଙ୍କର ପାଣ୍ଡୁଲିପି ନ୍ୟାଶନାଲ ବୁକ ଟ୍ରଷ୍ଟ ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇବ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୂଦିତ ହେବ। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନ୍ୟାଶନାଲ ବୁକ ଟ୍ରଷ୍ଟ ପକ୍ଷରୁ ୩୦ ବର୍ଷ ବୟସ ଭିତରେ ଥିବା ଯୁବଲେଖକଙ୍କ ଠାରୁ ପାଣ୍ଡୁଲିପି ଆହ୍ୱାନ କରାଯାଇଥିଲା। 'ଭାରତୀୟ ସ୍ୱାଧୀନତା ସଂଗ୍ରାମ' ବିଷୟକୁ



ଡିଲେଶ୍ୱର ରଣା।

ନେଇ ଲିଖିତ ରଣାଙ୍କ ପୁସ୍ତକ ମନୋନୀତ ହୋଇଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଧଅାଁରାମାଲ ଗ୍ରାମର ବ୍ରଜ ରଣା ଓ ବିଦୁସୁତା ରଣାଙ୍କ ପୁତ୍ର ହେଉଛନ୍ତି ଡିଲେଶ୍ୱର। ଗଳ୍ପ, କବିତା ରଚନା ସହ ଅଭିନୟ, ସାହିତ୍ୟ ସଂଗଠନ ଆଦିରେ ସକ୍ରିୟ ରହିଛନ୍ତି। ନିକଟ ଅତୀତରେ ପ୍ରକାଶିତ ତାଙ୍କର ଗଳ୍ପ ସଂକଳନ 'ସେଁଦ୍ରା' ବିପୁଳ ପାଠକୀୟତା ଲାଭ କରିଛି। ସାହିତ୍ୟ ସାଧନା ପାଇଁ ସେ କଥା ନବପ୍ରତିଭା ପୁରସ୍କାର, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ତପସ୍ୟା ସମ୍ଭାବନା ପୁରସ୍କାର, ପଲ୍ଲବନ ଶବ୍ଦ ସମ୍ମାନ ପାଇବା ସହ କେନ୍ଦ୍ର ସାହିତ୍ୟ ଏକାଡେମୀର 'ଯୁବସହିତି' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାରିଛନ୍ତି। ସେହିପରି ଦେଶର ବିଭିନ୍ନ ମଞ୍ଚରେ ଅଭିନୟ କରିବା ସହ ବଲିଉଡ ଫିଲ୍ମ 'ଏ ରେଡ ଶାର୍ଟ'ରେ ଅଭିନେତା ରଘୁବୀର ଯାଦବଙ୍କ ସହ ଅଭିନୟ କରିଛନ୍ତି। ସଂପ୍ରତି ଜିଲା ଶିକ୍ଷା ବିଭାଗର ଜନଜାତି ସାଧନ କେନ୍ଦ୍ରରେ କାର୍ଯ୍ୟରତ ଡିଲେଶ୍ୱର ଗ୍ଲୋବାଲ ଲାଇଫରେଚର୍ ଫାଉଣ୍ଡେସନର ଆବାହକ ଅଛନ୍ତି। ଦେଶର ବିଭିନ୍ନ ଭାଷାରୁ ମନୋନୀତ ମୋଟ ୭୫ ଜଣ ଲେଖକଙ୍କ ମଧରେ ରଣା ସାମିଲ ଥିବାରୁ କଳାହାଣ୍ଡି ଜିଲାରେ ଖୁସିର ଲହରୀ ଖେଳିଯାଇଛି।

## ପୋଲିସର ଜନସମ୍ପର୍କ ଶିବିର

**ଖପ୍ରାଖୋଲ,୨୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଖେଳ ପଡିଆରେ ପୋଲିସର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁଲ୍ଲା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବିଡ଼ିଓ ରଶ୍ମିରଞ୍ଜନ ରାଉତ, ହରିଶଙ୍କର ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓମପ୍ରକାଶ ଯାଦବ ଯୋଗ ଦେଇଥିଲେ। ଏହି ଅବସରରେ ନାନ୍ଦୁପଲା, ମହରାପଦର, ଦାନାମାଲ, ତୁର୍ଲା, ଚାଉଳବାଞ୍ଜି, କନ୍ଧରାଭଟା, ଜୁନାନିବାହାଲ, ବାଘଝରଣ ପ୍ରମୁଖ ଗାଁର କ୍ରିକେଟ ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବାଘଝରଣ ଦଳ ଚମ୍ପିୟନ ହୋଇଥିବା ବେଳେ ଜୁନାନିବାହାଲ ଦଳ ରନର୍ସ ଅପ ହୋଇଥିଲେ। ମ୍ୟାଚରେ ଭାଗ ନେଇଥିବା ସମସ୍ତ ଦଳକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା। ସେହିପରି କନ୍ଧରାଭଟା, ନାନ୍ଦୁପଲା, କୁତୁର୍ଲାର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ଛତା, ମଶାରୀ ସହିତ ବିଭିନ୍ନ ଉପକରଣ ପୋଲସ ତରଫରୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡାକ୍ତର ମିନତୀ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ।

## ବାରପାହାଡ଼ ଫୁଟବଲ: ଲୋଇସିଂହା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

**ଲୋଇସିଂହା, ୨୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଭାଲିଆଟିକ୍ରାରେ ଚାଲିଥିବା ବାରପାହାଡ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ବାଦିବାହାଲକୁ ଟାଇବ୍ରେକରରେ ହରାଇ ଲୋଇସିଂହା(ଏଭିଏଫଏ) ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟ ଅଫ ଦ ପ୍ଲେୟାର ଲୋଇସିଂହାର ସିଦ୍ଧେଶ୍ୱର ଧରୁଆ, ବେଷ୍ଟ ଗୋଲକିପର ଲୋଇସିଂହାର କପିଳେଶ୍ୱର ଧରୁଆ, ବେଷ୍ଟ ଫରୱାର୍ଡ ବାଦିବାହାଲର ସୌମ୍ୟରଞ୍ଜନ ଭୋଇ, ଟୁର୍ନାମେଣ୍ଟର ଶୃଙ୍ଖଳିତ ଦଳଭାବେ ଝାରବନ୍ଧଲି ଦଳ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରାଜେନ୍ଦ୍ର ଦୀପ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ଜିଲା କଂଗ୍ରେସ ସଭାପତି ଗୌରୀଶଙ୍କର ପଣ୍ଡା ମୁଖ୍ୟ ଅତିଥି, ବଲାଙ୍ଗୀର ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ସ୍ୱତନ୍ତ୍ର ଅତିଥି, ଜିଲା କଂଗ୍ରେସ କିଷାନ ସେଲ ସଭାପତି ନରେନ୍ଦ୍ର କୁମାର ପଣ୍ଡା, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ସମାଜିକ କର୍ମୀ ସୁଶାନ୍ତ ଛତ୍ରିଆ, ଦୁର୍ବାସା ସା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା, ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦେଇ ଅତିଥି ପୁରସ୍କୃତ କରିଥିଲେ।

## ତଟ ନିରଞ୍ଜନା–ବହୁ ଅସମାଧିତ ପ୍ରଶ୍ନର ବର୍ଣ୍ଣାଳୀ

**ସୋନପୁର,୨୫।୧୨(ନି.ପ୍ର.)**

ସୋନପୁର ମହାବିଦ୍ୟାଳୟ ଓଡିଆ ବିଭାଗ ତରଫରୁ ନାଟ୍ୟକାର ବିଜୟ ମିଶ୍ରଙ୍କ ବହୁଚର୍ଚ୍ଚିତ ନାଟକ 'ତଟ ନିରଞ୍ଜନା–ବହୁ ଅସମାଧିତ ପ୍ରଶ୍ନର ବର୍ଣ୍ଣାଳୀ' ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡକ୍ଟର ସୌରଭ ରଞ୍ଜନ ଖମାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶେଷ ସମ୍ମାନ ଛାତ୍ରୀ ନନ୍ଦିତା ପଧାନ ଓ ଛାତ୍ର ଜୟପ୍ରକାଶ ମିଶ୍ର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଆଲୋଚକଭାବେ ଯୋଗଦେଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ଡକ୍ଟର ଶରତ ଚନ୍ଦ୍ର ପତି ଓ ଆଗଲପୁର ବିଜ୍ଞାନ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧାପକ ଡକ୍ଟର ଲିଙ୍ଗରାଜ ମେହେର ଉପସ୍ଥାପିତ ପ୍ରବନ୍ଧଗୁଡିକର ସମୀକ୍ଷା ସହ ନାଟକରେ ଥିବା କାମନା, ମୁକ୍ତି ଓ ବିରୋଧା ଭାଷ ଆଦି ମନସ୍ତାତ୍ତ୍ୱିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ଡକ୍ଟର ଇତିଶ୍ରୀ ଦାସ ଅତିଥି ପରିଚୟ, ଅଧାପକ ସରୋଜ କୁମାର ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



**କଣ୍ଟାବାଞ୍ଜି, ୨୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଶନିବାର ମୁଣ୍ଡପଦର ଗ୍ରାମରେ ମିଶନ ଶକ୍ତି ଗୃହର ଉଦ୍‌ଘାଟନ କରିଛନ୍ତି। ପରେ ସିନ୍ଧେକେଲା ଗ୍ରାମରେ ମୋଟର ଚାଳକ ସଂଘ ଅଫିସ ଗୃହର ଶିଳାନ୍ୟାସ କରିଥିଲେ ବିଧାୟକ। ଏହି ଅବସରରେ ମୋଟର ଚାଳକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।